ସାପ୍ତାହିକ
Postal Regd. No.: SBP/RN-01/2022-2024
ସ୍ୱୀକାର
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.27 | Issue - 18 | 30 April - 06 May 2023 | Sambalpur | Page- 8 | Invitation Price Rs.10

# ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାର ଆଦ୍ୟ ପର୍ବ 'ଥାଳଉଠା' ସମ୍ପନ୍ନ







ସମ୍ବଲପୁର : ପବିତ୍ର ଅକ୍ଷୟ ତୃତୀୟା ତିଥିରେ ସମ୍ବଲପୁରର ବିଭିନ୍ନ ଶିବ ମନ୍ଦିରମାନଙ୍କରେ ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାର ଆଦ୍ୟପର୍ବ ଥାଳଉଠା ସଂପନ୍ନ ହୋଇଛି । ଦେବ ଦେବ ମହାଦେବଙ୍କ ସହିତ ମାତା ପାର୍ବତୀଙ୍କ ବିବାହ ପ୍ରତିଶ୍ରୁତି ବହନ ସ୍ୱରୂପ ଏହି ଥାଳକୁ ବରପିତାଙ୍କ ଠାରୁ ଗ୍ରହଣ କରିଛନ୍ତି ଏବର୍ଷର କନ୍ୟାପିତା ମାତା । ଏହି ଅବସରରେ ସବୁ ଶିବାଳୟରେ ମହାଦେବଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଅଭିଷେକ କରାଯାଇଥିଲା ଓ ଅପରାହ୍ନରେ ବରପିତା ମାନେ ଯାତ୍ରା କମିଟି ଏବଂ ମନ୍ଦିର କମିଟିର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ମନ୍ଦିର ପରିସରରେ କନ୍ୟା ପିତାମାତାଙ୍କୁ ବିବାହ ପାଇଁ ଥାଳ ଅର୍ପଣ କରିଛନ୍ତି ।

ପ୍ରଥମେ ନନ୍ଦପଡାର ବଂ ବରାଡ ବାଲୁଙ୍କେଶ୍ୱର ବାବାଙ୍କ ଥାଳଉଠା ବିଧି ଆରମ୍ଭ ହୋଇଥିଲା । ମନ୍ଦିରରେ ପୂଜକ ଲକ୍ଷପତି ମହାପାତ୍ରଙ୍କ ଦ୍ୱାରା ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯିବା ପରେ ମନ୍ଦିରରୁ ଆଜ୍ଞାମାଳ ସହିତ ପୂଜା ଥାଳକୁ ବରପିତା ରାମପ୍ରସାଦ ମିଶ୍ର ଏବଂ ମାତା ବବିତା ମିଶ୍ରଙ୍କୁ ହସ୍ତାନ୍ତର କରିଥିଲେ । ଏହାକୁ ବରପିତାଙ୍କ ପକ୍ଷରୁ ଭାଇ ବିଭୂତି ଭୂଷଣ ମିଶ୍ର ଚଳିତବର୍ଷର କନ୍ୟା ପିତାମାତା ରାଜେନ୍ଦ୍ର ନନ୍ଦ ଏବଂ ସୁଲୋଚନା ନନ୍ଦଙ୍କ ହାତରେ ଅର୍ପଣ କରି ବିବାହ ପାଇଁ ଚୁକ୍ତିବଦ୍ଧ ହୋଇଥିଲେ । ଥାଳ ଉଠା ନୀତି ବିବାହ ପୂଜକ ଶଶାଙ୍କ ମିଶ୍ରଙ୍କ ଦ୍ୱାରା ସଂପନ୍ନ ହୋଇଥିଲା । ଏଥିରେ କମିଟି ପକ୍ଷରୁ ସୁରେଶ୍ୱର ମିଶ୍ର, ପ୍ରଶାନ୍ତ ବରେଇ, ଅମୂଲ୍ୟ ମିଶ୍ର,



ଗୋଲକ ବିହାରୀ ମିଶ୍ର, ସନ୍ତୋଷ ମିଶ୍ର, ଚକ୍ରଧର ମିଶ୍ର, ସୁବାସ ନନ୍ଦ, ନିଗମାନନ୍ଦ ମିଶ୍ର, ବେଣୁଧର ଦାସ, ଅଭିଶୀଷ ମିଶ୍ର, ଦୁର୍ଗାମାଧବ ମିଶ୍ର, ସିଦ୍ଧେଶ୍ୱର ନନ୍ଦ, ସୁଶ୍ରୀତ ମିଶ୍ର ପ୍ରମୁଖ ବହୁ କର୍ମକର୍ତ୍ତା ସାମିଲ ଥିଲେ ।

ସେହିପରି ଝାଡୁଆପଡାର ଲୋକନାଥ ବାବାଙ୍କ ଥାଳ ଉଠା ନୀତି ସଂପନ୍ନ ହୋଇଛି । ପୂର୍ବାହ୍ନରେ ମନ୍ଦିରରେ ପୂଜକ ରାମନାଥ ମହାପାତ୍ରଙ୍କ ଦ୍ୱାରା ବାବାଙ୍କ ଜଳାଭିଷେକ ସଂପନ୍ନ ହୋଇଥିଲା । ଅପରାହ୍ନରେ ବିଧି ମୁତାବକ ଏବର୍ଷର କନ୍ୟାପିତା ମାତା ଚୟନ କରାଯାଇଥିଲା । ଚଳିତ ବର୍ଷ ଗୁରୁପଡାର ଡାକ୍ତର ଗିରିଶ୍ଚନ୍ଦ୍ର ବେହେରା ଏବଂ ଡାକ୍ତର ରେଣୁକା ସାହୁ କନ୍ୟାପିତା ମାତା ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଅପରାହ୍ନରେ ବରପିତା ଅମରନାଥ ସୂପକାର ଏବଂ ବରମାତା ଅମୟ ସୂପକାର ବିବାହ ପାଇଁ ଥାଳକୁ କନ୍ୟା ପିତାମାତାଙ୍କ ହାତରେ ଅର୍ପଣ କରିଥିଲେ । ଏଥିରେ କମିଟି ପକ୍ଷରୁ ସରୋଜ ଦଳପତ, ସୁଶାନ୍ତ ପୁରୋହିତ, ପାର୍ଥସାରଥୀ ମିଶ୍ର, ମନୋଜ ମିଶ୍ର, ଶ୍ରୀମନ୍ତ ମିଶ୍ର, ସଞ୍ଜୟ ମିଶ୍ର, ଶୁଭେନ୍ଦ୍ର ପଣ୍ଡା, ପ୍ରାଣରଞ୍ଜନ ପଣ୍ଡା, ସଞ୍ଜିବ ପାଢୀ, ସରୋଜ ସାହୁ, ମିଲୁ ପାଣିଗ୍ରାହୀ, ଶୁଭେନ୍ଦୁ ମିଶ୍ର, ସତ୍ୟଜିତ ପଣ୍ଡା ଏବଂ ଅଭିଷେକ ମିଶ୍ର ପ୍ରମୁଖ ସାମିଲ ଥିଲେ ।

ସେହିପରି ମୁଦିପଡାର ଜାଗେଶ୍ୱର ବାବାଙ୍କ ଥାଳ ଉଠା ମଧ୍ୟ ବିଧି ଅନୁଯାୟୀ ସଂପନ୍ନ ହୋଇଯାଇଛି । ବରପିତା ମଧୁସୂଦନ ନେଗୀଙ୍କ ଠାରୁ ଏବର୍ଷର କନ୍ୟା ପିତାମାତା ଦାୟିତ୍ୱ ତୁଲାଉଥିବା ଭିଏସ୍‌ଏସ୍ ମାର୍ଗ ସ୍ଥିତ ଏସ୍. ମନୋଜ କୁମାର ଏବଂ ଏସ୍. ନର୍ମଦା ବିବାହ ପାଇଁ ଥାଳ ଗ୍ରହଣ କରିଛନ୍ତି । ମନ୍ଦିର ପୂଜକ ଗୋବିନ୍ଦ ପଣ୍ଡା ଏବଂ ବିବାହ ପଣ୍ଡିତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଦ୍ୱାରା ସମସ୍ତ ବିଧି ସଂପନ୍ନ ହୋଇଥିଲା । ପୂର୍ବାହ୍ନରେ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା । ଏଥିରେ କମିଟି ସଦସ୍ୟ ଜଗଦୀଶ ପଣ୍ଡା, ସୁଧୀର ପଣ୍ଡା, ସୁନୀଲ ଦାସ, ଲକ୍ଷ୍ମୀନାରାୟଣ ପଟେଲ, ଖଡିରତ୍ନ ବେହେରା, ଦୁର୍ଗା ପଟ୍ଟନାୟକ, ଜିତୁ କର୍ଣ୍ଣ, ଈଶ୍ୱର ନନ୍ଦ, ସତ୍ୟକାନ୍ତ ମହାପାତ୍ର, ଅଭିରାମ ପଟେଲ, ହିମାଂଶୁ ପାଣିଗ୍ରାହୀ, ବିନୋଦ ପଣ୍ଡା, ଗତିକୃଷ୍ଣ ଷଡଙ୍ଗୀ ପ୍ରମୁଖ ସାମିଲ ହୋଇଥିଲେ ।

ବଡବଜାର ସ୍ଥିତ ଶୀତଳେଶ୍ୱର ବାବାଙ୍କ ଥାଳ ଉଠା ନୀତି ମଧ ସଂପନ୍ନ ହୋଇଥିବା ବେଳେ ବର ପିତାଙ୍କ ଠାରୁ ଏବର୍ଷର କନ୍ୟା ପିତାମାତା ବଡବଜାର ନିବାସୀ କିଶୋର ପ୍ରଧାନ ଏବଂ ରିଙ୍କି ପ୍ରଧାନ ଥାଳ ଗ୍ରହଣ କରିଥିଲେ । ପଣ୍ଡିତ ଯୋଗେଶ୍ୱର ନନ୍ଦ ଏବଂ ପୂଜକ ସଞ୍ଜୟ ବଡମାଳୀଙ୍କ ଦ୍ୱାରା ପୂଜା ବିଧି ସଂପନ୍ନ ହୋଇଥିଲା । ଏଥିରେ ସୁରେନ୍ଦ୍ର ମହାନ୍ତି, ପଞ୍ଚାନନ ତ୍ରିପାଠୀ, ସରୋଜ ସାହୁ, ରାମନାରାୟଣ ପ୍ରଧାନ, ବୁଦ୍ଧଦେବ ପ୍ରଧାନ, ପରମ ବେରିହା, ଜିତେନ୍ଦ୍ର ସାହୁ, ଭବେଶ ଚାନ୍ଦ, ଦୀପକ ଶର୍ମା, ରାକେଶ ବେହେରା, ମଣ୍ଟୁ ସାହୁ, ଶ୍ୟାମଲାଲ ଡନସନା ଏବଂ ମନୋଜ ପଲସାନିଆ ପ୍ରମୁଖ ଉପସ୍ଥିତ ଥିଲେ ।

ଏହାଛଡ଼ା ଠାକୁରପଡାର ଗୁପ୍ତେଶ୍ୱର ବାବାଙ୍କ ଥାଳ ଉଠା ନୀତି ସଂପନ୍ନ ହୋଇଛି । ଏଥିରେ ଏବର୍ଷର କନ୍ୟାପିତା ମାତା ଭୀମ ଭୋଇ ନଗର ନିବାସୀ ରାଧେଶ୍ୟାମ ମିଶ୍ର ଏବଂ ପିଙ୍କି ମିଶ୍ର ବରପିତାଙ୍କ ଠାରୁ ଥାଳ ଗ୍ରହଣ କରିଥିଲେ । ମନ୍ଦିର ପୂଜକ ଈଶ୍ୱର ଚନ୍ଦ୍ର ଦେହୁରୀ ଏବଂ ବିବାହ ପୂଜକ ଆଶୁତୋଷ ପୁରୋହିତଙ୍କ ଦ୍ୱାରା ବିଧି ସଂପନ୍ନ ହୋଇଥିଲା ।

# ନବ ଦାସ ହତ୍ୟାକାଣ୍ଡର ତିନି ମାସ ପରେ ମଧ ରହସ୍ୟ ଜଣାପଡି ନାହିଁ

ଝାରସୁଗୁଡ଼ା : ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟାକାଣ୍ଡକୁ ତିନି ମାସ ପୁରିଛି । ତେବେ ଏହି ହତ୍ୟା ପଛର ଉଦ୍ଦେଶ୍ୟ ଏଯାଏ ରହସ୍ୟାବୃତ୍ତ ହୋଇ ରହିଛି । ଜଣେ ପୁଲିସ୍ ଏଏସ୍‌ଆଇ ଗୋପାଳକୃଷ୍ଣ ଦାସ କେଉଁ କାରଣରୁ ପିସ୍ତଲରୁ ଗୁଳି କରି ହତ୍ୟା କଲେ ସେହି ପ୍ରଶ୍ନର ଉତ୍ତର ଏଯାଏ ମିଳି ପାରିନାହିଁ । ଏବେ ଝାରସୁଗୁଡ଼ାରେ ଉପ-ନିର୍ବାଚନ ପାଇଁ ପ୍ରଚାର ଜୋର୍ ଧରିଥିବା ବେଳେ ନବ ଦାସଙ୍କ ହତ୍ୟା ବିରୋଧୀଙ୍କ ପାଇଁ ପ୍ରମୁଖ ପ୍ରସଙ୍ଗ ପାଲଟି ଯାଇଛି । ଏହି ହତ୍ୟା ରହସ୍ୟ ଉନ୍ମୋଚନ ନ ହେବାରେ କେଉଁଠି ନା କେଉଁଠି ସରକାରଙ୍କ ବିଫଳତାକୁ ଦାୟୀ କରୁଛନ୍ତି ବିରୋଧୀ । ହେଲେ ଏହାର କାଉଣ୍ଟର କରିବାରେ ବିଜେଡି ବି ପଛରେ ନାହିଁ । ବହୁ କେନ୍ଦ୍ରୀୟ ଅନୁଷ୍ଠାନର ସହାୟତାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ହତ୍ୟାର ସମସ୍ତ ଦିଗରୁ ତଦନ୍ତ ଚାଲିବା ସହ ହତ୍ୟାକାରୀ ଗିରଫ ହୋଇ ଜେଲ୍‌ରେ ଥିବା ବେଳେ ଏହାକୁ ପ୍ରସଙ୍ଗ କରିବାରେ ପାଲଟା ବିରୋଧୀଙ୍କୁ ଶାସକ ଦଳ ସମାଲୋଚନା କରିବାକୁ ପଛାଉ ନାହିଁ ।

ଗତ ଜାନୁଆରୀ ୨୯ ତାରିଖ ବ୍ରଜରାଜନଗର ଥାନା ଗାନ୍ଧୀଛକ ଠାରେ ଏକ ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟନ ପାଇଁ ଯାଇଥିବା ସମୟରେ ପୁଲିସ ଗୁଳିରେ ଟଳି ପଡ଼ିଥିଲେ ନବ ଦାସ । ସ୍ୱାସ୍ଥ୍ୟମନ୍ତ୍ରୀ ଥିବା ସହ ବିଜେଡିର ଜଣେ ପ୍ରଭାବଶାଳୀ ମନ୍ତ୍ରୀ ଓ ନେତା ଭାବେ ଦିନକୁ ଦିନ ତାଙ୍କର ପତିଆରା ବୃଦ୍ଧି ପାଇ ଚାଲିଥିଲା । ଏଭଳି ପରିସ୍ଥିତିରେ ଜଣେ ପୁଲିସ ଏଏସ୍‌ଆଇ ହତ୍ୟା କରିବା ଘଟଣାକୁ ଲୋକେ ସହଜରେ ହଜମ କରି ପାରି ନାହାଁନ୍ତି । ହତ୍ୟାରେ ସଂପୃକ୍ତ ଥିବା ପୁଲିସ ଏଏସ୍‌ଆଇକୁ ଘଟଣାସ୍ଥଳରୁ ପିସ୍ତଲ ସହ ପୁଲିସ ଗିରଫ କରିବାରେ ସକ୍ଷମ ହୋଇଥିବା ବେଳେ ନବଙ୍କ ମୃତ୍ୟୁ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱର ଠାରେ ହୋଇଥିବା ସେହିଦିନ ରାତ୍ରିରେ ଘୋଷଣା କରାଯାଇଥିଲା । ଜଣେ କ୍ୟାବିନେଟ ମନ୍ତ୍ରୀଙ୍କୁ ଏଭଳି ଗୁଳି କରି ହତ୍ୟା ରାଜ୍ୟ ରାଜନୀତିରେ ଏକ ବିରଳ ଘଟଣା । ଏହି ଘଟଣା ସମସ୍ତ ରାଜ୍ୟକୁ ସ୍ତବ୍ଧ କରି ଦେଇଥିଲା ।

ମାତ୍ର ପୁଲିସ୍ ଏଏସ୍‌ଆଇ ଗୋପାଳଙ୍କ ଏଭଳି କି ଶତ୍ରୁତା ଥିଲା ଯେ ସେ ନବ ଦାସଙ୍କୁ ହତ୍ୟା କଲେ ଏହାର ଉତ୍ତର ଏଯାଏଁ ମିଳି ପାରିନାହିଁ । ଅଭିଯୁକ୍ତ ଏଏସ୍‌ଆଇଙ୍କୁ ପାଗଳ ଆଖ୍ୟା ଦେବା ଲାଗି ସରକାର ପୁରା ଦମରେ ଚେଷ୍ଟା କରି ଆସିଛନ୍ତି କହି ବିରୋଧୀ ସରକାରଙ୍କୁ ଟାର୍ଗେଟ



କରୁଥିବା ବେଳେ ଏହି ହତ୍ୟାକାଣ୍ଡ ପଛରେ ବଡ଼ ରହସ୍ୟର ଗନ୍ଧ ବାରିବାକୁ ଲାଗିଛନ୍ତି । ଯାହାକି ଜନମାନସରେ ଏବେ ବି ଏକ ସନ୍ଦେହଜନକ ବଳୟ ହୋଇ ଛାଇ ରହିଛି ।

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଜଣେ ଟାଣୁଆ ନେତାଙ୍କ ହତ୍ୟା ବିଜେଡିକୁ ବହୁଳ କ୍ଷତିରେ ପକାଇଛି । କେବଳ ଝାରସୁଗୁଡ଼ା ନୁହେଁ ବରଂ ପଶ୍ଚିମ ଓଡ଼ିଶାର ବହୁ ଆସନରେ ଦଳୀୟ ପ୍ରାର୍ଥୀଙ୍କ ବିଜୟରେ ନବ ମୁଖ୍ୟ ଭୂମିକା ଗ୍ରହଣ କରି ଆସିଛନ୍ତି । ଉପ-ନିର୍ବାଚନ ଗୁଡ଼ିକରେ ଦଳ ପାଇଁ କ୍ରାଇସିସ ମ୍ୟାନେଜର ସାଜି ଦଳ ପାଇଁ ବେଶ ସଫଳତା ସାଉଁଟିବାରେ ସହାୟକ ହୋଇଛନ୍ତି । ହେଲେ ଏଭଳି ଜଣେ ସେନାପତିଙ୍କୁ ହରାଇବା ବିଜେଡି ପାଇଁ ଏକ ଶକ୍ତ ଧକ୍କା ଭାବେ ରାଜନୈତିକ ମହଲରେ ବିବେଚନା କରାଯାଉଛି ।

ଏହି ହତ୍ୟାକାଣ୍ଡର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ଦିଆଯିବା ପରେ ଏହାର ତଦନ୍ତ ଅବ୍ୟାହତ ରହିଛି । ହତ୍ୟା ଅଭିଯୁକ୍ତ ଗୋପାଳ ଦାସ ବାଇପୋଲାର ରୋଗୀ ଭାବେ ବିବେଚନା କରାଯାଉଛି । ଗୁଜରାଟ ଗାନ୍ଧୀନଗର ସ୍ଥିତ ଫରେନସିକ ଲ୍ୟାବରେ ଅଭିଯୁକ୍ତର ପଲିଗ୍ରାଫ ଟେଷ୍ଟ ଏବଂ ନାର୍କୋ ଟେଷ୍ଟ ମଧ କରାଯାଇଥିଲା । ଦିଲ୍ଲୀ ସେଣ୍ଟ୍ରାଲ ଫରେନସିକ ଲ୍ୟାବ୍‌ର ବିଶେଷଜ୍ଞଙ୍କ ଦ୍ୱାରା ଝାରସୁଗୁଡ଼ାରେ ଗୋପାଳର ହୋଇଥିବା ଏଲ୍‌ଭିଏ ଟେଷ୍ଟର ମଧ ତର୍ଜମା କରାଯାଇଛି । ଏସ୍‌ସିବି ମାନସିକ ଚିକିତ୍ସା ପ୍ରତିଷ୍ଠାନର ୫ ଜଣିଆ ବିଶେଷଜ୍ଞ ଟିମ୍‌ର ଯାଞ୍ଚ ସହ ନିମହାନ୍ସର ବିଶେଷଜ୍ଞ ଦଳ ମଧ ମାନସିକ ସ୍ଥିତିର ପରୀକ୍ଷା ନିରୀକ୍ଷା କରିଛନ୍ତି । ସଂପ୍ରତି ଏଏସ୍‌ଆଇ ଗୋପାଳ ଦାସ ଚୌଦ୍ୱାର ଜେଲରେ ଅଛି । ଏହି ସମ୍ବେଦନଶୀଳ ମାମଲାର ତଦନ୍ତରେ ଆମେରିକୀୟ ତଦନ୍ତକାରୀ ସଂସ୍ଥା ଏଫ୍‌ବିଆଇର ସହାୟତା ନେବାକୁ ରାଜ୍ୟ ସରକାର ଘୋଷଣା କରି ସାରିଛି । ତେବେ ଏଫବିଆଇ ଏ ଘଟଣା ତଦନ୍ତ କରିବାକୁ ରାଜି ହେଲା ନା ନାହିଁ ସେ ଦିଗରେ ସରକାର ନିରବ ରହିଛନ୍ତି । ସେହିପରି କ୍ରାଇମବ୍ରାଞ୍ଚ ବେଙ୍ଗାଲୁର ସ୍ଥିତ ନିମହାନ୍ସଙ୍କୁ ଗୋପାଳର ମାନସିକ ସ୍ଥିତି ଯାଞ୍ଚ ପାଇଁ ଅନୁରୋଧ କରିଥିଲା । ତେବେ ନିମହାନ୍ସ ଟିମ୍ ଚୌଦ୍ୱାର ଆସି ଗୋପାଳର ମାନସିକ ସ୍ଥିତି ଯାଞ୍ଚ କରିବା ପାଇଁ ମନା କରି ଦେଇଛି । ବିରୋଧୀ ବିଜେପି ଏହାର ସିବିଆଇ ତଦନ୍ତ ଏବଂ କଂଗ୍ରେସ ଏସଆଇଟି ତଦନ୍ତ ଦାବି କରି ଆସିଛି । ତେବେ ଆଗକୁ କ୍ରାଇମବ୍ରାଞ୍ଚ ଏହି ହତ୍ୟା ପଛର ରହସ୍ୟ ଉନ୍ମୋଚନ କରିବାରେ କେତେଦୂର ସଫଳ ହେଉଛି ତାହା ଭବିଷ୍ୟତ କହିବ ।

## ଏ ସଂଖ୍ୟାରେ..


ସ୍ୱାସ୍ଥ୍ୟ ଉପଯୋଗୀ ପୋଦିନା ପତ୍ର


ଖରା ପାଇଁ କମଳା ଜୁସ୍


ଭାଇରାଲ ସଂକ୍ରମଣରୁ ରକ୍ଷା କରେ ଅଙ୍ଗୁର


ଉପକାରୀ ଟମାଟୋ


ଖରାରେ ଶରୀରକୁ ଥଣ୍ଡା ରଖେ ପାନମଧୁରୀ


ଚେରୀର ଉପକାରିତା

# ଆତ୍ମିକ ଉନ୍ନତିର ଚାବିକାଠି

## ସ୍ୱାମୀ ଚିଦାନନ୍ଦ ସରସ୍ୱତୀ

**ଅ**ବିବେକୀ ବିବେକୀ ଓ ସାଧକ ଏହି ତିନୋଟି ଶବ୍ଦ ତିନି ପ୍ରକାର ବ୍ୟକ୍ତିଙ୍କୁ ବୁଝାଇଥାଏ । ଯେଉଁ ବ୍ୟକ୍ତି ଭଲ ଓ ଖରାପ ମଧ୍ୟରେ ପାର୍ଥକ୍ୟ ବାରିପାରେ ନାହିଁ ସେ ଅବିବେକୀ । ସେପରି ବ୍ୟକ୍ତି ଈଶ୍ୱରଙ୍କ ଠାରୁ ମିଳୁଥିବା ଜୀବନ ସନ୍ଦେଶକୁ ବୁଝି ପାରନ୍ତି ନାହିଁ । କାରଣ, ସେ ଅଜ୍ଞାନ ଅନ୍ଧକାର ମଧ୍ୟରେ ବୁଡ଼ି ରହିଥାନ୍ତି । ଏହି ଅଜ୍ଞାନ ବିବେକ ଶୂନ୍ୟତାରୁ ହିଁ ଜନ୍ମ ନେଇଥାଏ ।

ଅନ୍ୟ ପକ୍ଷରେ ସେହି ବ୍ୟକ୍ତି ବିବେକୀ ଯେ ଖରାପ ମଧ୍ୟରୁ ଭଲକୁ ବାରି ପାରନ୍ତି । ସେ ଜୀବନ ଅନୁଭୂତିରୁ ଶିକ୍ଷା ଗ୍ରହଣ କରନ୍ତି । କିନ୍ତୁ ସେ ଯାହାସବୁ ଶିଖନ୍ତି, ତାର ପ୍ରଭାବ ତାଙ୍କ ଉପରେ ପଡେ ନାହିଁ । ସେ ଜୀବନ ସନ୍ଦେଶଗୁଡିକୁ ମୁଣ୍ଡରେ ସାଇତି ରଖନ୍ତି । କିନ୍ତୁ ଯେହେତୁ ସେ ଜୀବନରେ ତାର ପ୍ରୟୋଗ କରି ପାରନ୍ତି ନାହିଁ, ତାଙ୍କର ଶିକ୍ଷା ନିରର୍ଥକ ହୋଇଯାଏ । ସେପରି ବ୍ୟକ୍ତି ଜୀବନ ସନ୍ଦେଶର ଉପଯୋଗ କରି ଆତ୍ମିକ ଉନ୍ନତି ଲାଭ କରିବାର ସୁଯୋଗକୁ ହାତଛଡ଼ା କରି ଦିଅନ୍ତି ।

କିନ୍ତୁ ଜଣେ ପ୍ରକୃତ ସାଧକ (ଆଧାତ୍ମିକ ଅଭିଳାଷୀ) ବିବେକୀ ହେବା ସଙ୍ଗେ ସଙ୍ଗେ ଜୀବନାନୁଭୂତିର ପ୍ରତିଟି ସନ୍ଦେଶକୁ ହୃଦୟଙ୍ଗମ କରି କରନ୍ତି ଏବଂ ତା' ପ୍ରତି ନିଜର ପ୍ରତିକ୍ରିୟା ପ୍ରକାଶ କରନ୍ତି । ଜଣେ ପ୍ରକୃତ ସାଧକ କୌଣସି ଅନୁଭୂତିକୁ ବ୍ୟର୍ଥ ହେବାକୁ ଦିଅନ୍ତି ନାହିଁ । ପ୍ରତ୍ୟେକ ଅନୁଭୂତି ତାଙ୍କ ପାଇଁ ପରିବର୍ତ୍ତନର ବାର୍ତ୍ତା ବହନ କରି ଆସେ ଯାହା ତାଙ୍କୁ ଆତ୍ମିକ ଉନ୍ନତି ଦିଗରେ ଆଉ ପାଦେ ଆଗେଇ ନିଏ । ପ୍ରକୃତ ସାଧକ ଠାରୁ ନିଃସୃତ ପ୍ରତ୍ୟେକ ଅନୁଭୂତି ପୂର୍ବାପେକ୍ଷା ଅଧିକ ଅନୁକୂଳ ଓ ସର୍ଜନାତ୍ମକ ହୋଇଥାଏ । ତାହା ପୂର୍ବର ନିମ୍ନାବସ୍ଥାକୁ ଆଉ ଫେରେ ନାହିଁ । ସେ ସଂପୂର୍ଣ୍ଣ ପରିବର୍ତ୍ତିତ ହୋଇଯାଆନ୍ତି । ତାଙ୍କର ଚରିତ୍ର, ତାଙ୍କ ପ୍ରକୃତି ତାଙ୍କ ନିଜସ୍ୱ ଜୀବନ ଆହୁରି ଉନ୍ନତ ହୋଇଯାଏ । ସଂପୃକ୍ତ ଅନୁଭୂତି ପ୍ରାପ୍ତ ହେବା ପୂର୍ବରୁ ସେ ଯାହା ଥିଲେ, ତହିଁରୁ ଉର୍ଦ୍ଧ୍ୱକୁ ଉଠନ୍ତି । ଏହି ନୂତନ ଅନୁଭୂତି ତାଙ୍କୁ ଆତ୍ମିକ ବିକାଶ ପଥରେ ଆଗେଇ ନିଏ ।

ଦୁଇଶହ ବର୍ଷ ତଳର କଥା । ଜାପାନ ଦେଶରେ ଜଣେ ପ୍ରଖ୍ୟାତ ସମୁରାଇ (ଯୋଦ୍ଧା) ଥିଲେ । ତାଙ୍କ ଘରେ କନ୍ୟା ଶିଶୁଟିଏ (ସମୁରାଇଙ୍କ ନାତୁଣି) ଜନ୍ମ ନେଲା । ଗୃହକର୍ତ୍ତା ଜଣେ ମହାନ୍ ଯୋଦ୍ଧା ଥିଲେ । ଭାରି ସାହସୀ ଓ ବଳବାନ୍ । ଅନ୍ୟ ପକ୍ଷରେ କନ୍ୟାଶିଶୁଟି ଅତ୍ୟନ୍ତ ସୁନ୍ଦରୀ ଥିଲେ । କ୍ରମେ ବୟସ ବଢ଼ିଲା । କନ୍ୟାଟି ଯୌବନରେ ପଦାର୍ପଣ କଲା । ତାର ଅଭୂତ ପୂର୍ବ ଓ ଅଦୃଷ୍ଟପୂର୍ବ ସୌନ୍ଦର୍ଯ୍ୟ ଦୃଷ୍ଟିରୁ ସ୍ଥିର କରାଗଲା ଯେ ତାକୁ ଦେଶର ମହାରାଣୀଙ୍କ ପରିଚାରିକା ଭାବେ ପ୍ରଦାନ କରିବା ଯୁକ୍ତିଯୁକ୍ତ ହେବ ।

ସେ ସମୟରେ ଜାପାନୀମାନେ ସମ୍ରାଟଙ୍କ ଦ୍ୱାରା ଶାସିତ ହେଉଥିଲେ । ସେମାନେ ଏହି ଅପରୂପ ସୁନ୍ଦରୀ ଯୁବତୀଟିକୁ ରାଜ ଉଆସକୁ ନେଲେ । ସେଠାରେ ମହାରାଣୀ ଓ ସମଗ୍ର ରାଜ ପରିବାରର ଲୋକେ ଯୁବତୀଟିର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ଚକିତ ରହିଗଲେ । ଯୁବତୀଟି ଯେ କେବଳ ସୁନ୍ଦରୀ ଥିଲା ତା ନୁହେଁ, ସମ ପରିମାଣରେ ସେ ଥିଲା ଚତୁରୀ, ବୁଦ୍ଧିମତୀ ଏବଂ ପୋଖତ୍ ପ୍ରତ୍ୟୁତ୍ପନ୍ନମତି । ତେଣୁ ଅଳ୍ପଦିନ ମଧ୍ୟରେ ଯୁବତୀ ଜଣକ ସମସ୍ତ ଅନ୍ତଃପୁରବାସୀଙ୍କ ପ୍ରିୟଭାଜନ ହୋଇଗଲା ।

ଏପରି ଭାବେ ଅଳ୍ପ କେତୋଟି ବର୍ଷ କଟିଗଲା । ଯୁବତୀଟି ତଥାପି ତାର କୈଶୋର ଅତିକ୍ରମ କରି ନ ଥିଲା । ଏହି ସମୟରେ ରାଜ ଉଆସରେ ଏକ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ଘଟିଗଲା । ସେଯାବତ୍ ସଂପୂର୍ଣ୍ଣ ସୁସ୍ଥ ଥିବା ମହାରାଣୀ କୌଣସି କାରଣରୁ ହଠାତ୍ ଇହଲୀଳା ସମ୍ବରଣ କଲେ । ଏହି ଦାରୁଣ ଅଘଟଣ ଯୁବତୀ ପରିଚାରିକାଟିର ମନରେ ଗଭୀର ରେଖାପାତ କଲା । ତାର ସମଗ୍ର ମନସ୍ତତ୍ତ୍ୱ ଉପରେ ପରିବର୍ତ୍ତନର ବାୟୁ ବହିବାକୁ ଲାଗିଲା । ସେ ନିଜକୁ ନିଜେ ପ୍ରଶ୍ନ କଲା ଏ ଜୀବନଟା କ'ଣ ? ସେ ହୃଦୟଙ୍ଗମ କଲା ଯେ ସବୁ ଜିନିଷ ବ୍ୟର୍ଥ । ପ୍ରତ୍ୟେକ ବସ୍ତୁ ଦିନେ ନା ଦିନେ ମାଟିରେ ମିଶି ଯିବ । ଜୀବନର କୌଣସି ସ୍ଥିରତା ନାହିଁ । କୌଣସି କଥା ନିର୍ଭର ଯୋଗ୍ୟ ନୁହେଁ । ଯାହା ଆମେ ଦେଖୁଛୁ ତାହା ବାସ୍ତବ ନୁହେଁ । ପ୍ରତ୍ୟେକ ଜିନିଷ କ୍ଷଣସ୍ଥାୟୀ, ବିନାଶଶୀଳ ଏବଂ ତାହା ଦିନେ ନା ଦିନେ ଚାଲିଯିବ ।

କନ୍ୟାଟି ଅତ୍ୟନ୍ତ ବିଚକ୍ଷଣା ଥିଲା । ଏଣିକି ତା ତା ମନରେ ଏହି ସଂକଳ୍ପ ଏପରି ଦୃଢ଼ ହେଲା ଯେ ତାର ଜୀବନ ପ୍ରତି ଆଉ କୌଣସି ଆକର୍ଷଣ ରହିଲା ନହିଁ । ସେ ମନେ ମନେ ସ୍ଥିର କରି ନେଲା ମୋତେ ଧ୍ୟାନ ଓ ମୁକ୍ତିର ମାର୍ଗ ବାଛି ନେବାକୁ ପଡିବ । ମୁଁ ଜେନ୍ (ଜାପାନୀ ବୌଦ୍ଧମାନଙ୍କ ଏକ ଶାଖା) ସ୍ୱାଧ୍ୱୀ, ପରମାର୍ଥୀ ଓ ସନ୍ୟାସିନୀ ହୋଇଯିବି ।

ଏ ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଦେଲା । ତା ପରିବାରର ସଦସ୍ୟମାନେ ଏପରି ଏକ ଭାବନାକୁ ସହଜରେ ଗ୍ରହଣ କରି ପାରିଲେ ନାହିଁ । ସେମାନେ କହିଲେ ଏକଥା କେବେ ମଧ ସମ୍ଭବ ନୁହେଁ । ଏହା ଆମ କୌଳିକ ପରମ୍ପରାର ବିରୋଧାଚରଣ କରୁଛି । ଏକେତ ତୋର ସାଧ୍ୱୀ ହେବାର ବୟସ ହୋଇନାହିଁ । ପୁଣି, ସେଥି ନିମନ୍ତେ ତୋର ପ୍ରସ୍ତୁତି କାହିଁ ? ତୋତେ ବିବାହ କରିବାକୁ ପଡିବ । ଭଗବାନ ତୋତେ ଯେଉଁ ସୌନ୍ଦର୍ଯ୍ୟର ଅଧିକାରୀ କରାଇଛନ୍ତି ତାହା କ'ଣ ସନ୍ନ୍ୟାସିନୀ ହେବାକୁ ?

ଯୁବତୀଟି ଗୋଟିଏ କଠିନ ସର୍ତ୍ତରେ ସେମାନଙ୍କ କଥାରେ ରାଜି ହେଲା । ସର୍ତ୍ତଟି ହେଲା ଯେ ସେ ତିନୋଟି ସନ୍ତାନର ଜନନୀ ହେଲା ପରେ ଏ ବିବାହର ଅବଧି ସମାପ୍ତ ହେବ ଏବଂ ତାପରେ ସେ ସନ୍ନ୍ୟାସ ଗ୍ରହଣ କରିବ । ବିବାହ ପରେ ସନ୍ନ୍ୟାସ ନେବା ଭଳି କଥା କେବେ ହେଲେ ସମ୍ଭବ ନୁହେଁ ଏବଂ ସମୟକ୍ରମେ ତା' ମନ ବଦଳି ଯିବ, ଏଇୟା ଭାବି ପରିବାରର ସଦସ୍ୟମାନେ ତା' କଥାରେ ରାଜି ହେଲେ । ଯୁବତୀ ନିମନ୍ତେ ଏକ ଯଥାଯୋଗ ବରପାତ୍ର ଠିକ୍ ହେଲା । ଝିଅଟି ତାର ଭାବି ପତିକୁ ମଧ ତାର କଠିନ ସର୍ତ୍ତକଥା ଜଣାଇଦେଲା ଏବଂ ସେଥିରେ ରାଜି ହେଲେ ବିବାହ କରିବାକୁ ପ୍ରସ୍ତୁତ ଅଛି ବୋଲି ଜଣାଇଦେଲା । ତାର ସର୍ତ୍ତରେ ସମସ୍ତେ ସମ୍ମତ ହେବାରୁ ଯଥାରୀତି ତାର ବିବାହ ସଂପନ୍ନ ହେଲା ।

ବିବାହ ପରେ ଯୁବତୀ ଜଣକ ମନ ଲଗାଇ ସ୍ୱାମୀ, ଶାଶୁ, ଶ୍ୱଶୁର ଇତ୍ୟାଦିଙ୍କ ସେବା କଲା । ଘର କରଣା ସମ୍ଭାଳି ଜଣେ ସଫଳ ପତ୍ନୀ ଭାବରେ ସମସ୍ତଙ୍କ ଯଥାଯୋଗ୍ୟ ସେବାଯତ୍ନ କଲା । କିନ୍ତୁ ଏହା ତାର ଜେନ୍ ସାହିତ୍ୟ ଅଧ୍ୟୟନ ଧ୍ୟାନ ଧାରଣା ଆଦିରେ କିଛି ବାଧା ସୃଷ୍ଟି କରି ନ ଥିଲା । ସେ ନିଜକୁ ରୀତିମତ ଜଣେ ଅନୁଗତ ଜେନ୍ ଶିଷ୍ୟା ଭାବରେ ଗ୍ରହଣ କରି ଧ୍ୟାନ ଧାରଣା ପ୍ରଭୃତି ସମସ୍ତ ସାଧନା ଚାଲୁ ରଖିଲା । ଅନ୍ୟ ପକ୍ଷରେ ଜଣେ ସଫଳକାମ ପତ୍ନୀ, ଜଣେ ଆଜ୍ଞାଧୀନ ବୋହୂ ଏବଂ ଜଣେ ଉତ୍ତମ ଦୁହିତା ଭାବରେ ନିଜର କୁଶଳତା ପ୍ରଦର୍ଶନ କରିବାରେ ସେ କୌଣସି ହେଳା କଲାନାହିଁ ।

ତୃତୀୟ ସନ୍ତାନ ଜନ୍ମନେଲା ପରେ ତାକୁ କିଛିଦିନ ଲାଳନ ପାଳନ କରି ଦିନେ ହଠାତ୍ ସମସ୍ତଙ୍କୁ ଚକିତ କରି ସେ ଘୋଷଣା କଲା ଯେ ସେ ତାର କଥା ରଖିଛି । ପ୍ରତିଜ୍ଞା ପାଳନ କରିଛି । ଏଥର ପାରିବାରିକ ଜୀବନ ତ୍ୟାଗ କରି ସର୍ତ୍ତ ମୁତାବକ ସେ ସନ୍ନ୍ୟାସିନୀ ହୋଇ ଯିବ । ସମସ୍ତଙ୍କ ପ୍ରତିବାଦ ସତ୍ତ୍ୱେ ସେ ଲଣ୍ଡିତ ମସ୍ତକ ହୋଇ ସମସ୍ତଙ୍କୁ ସ୍ତମ୍ଭୀଭୂତ କରିଦେଲା ।

ଏହାପରେ ସର୍ବସ୍ୱ ତ୍ୟାଗକରି ସନ୍ନ୍ୟାସିନୀ ବସ୍ତ୍ର ଧାରଣ କରି ସେ ଘରୁ ବାହାରିଗଲା ଏକ ଗୁରୁଙ୍କ ସନ୍ଧାନରେ । ଭ୍ରମଣ କରୁକରୁ ସେ ଗୋଟିଏ ନଗରୀରେ ପହଞ୍ଚିଲା, ଯେଉଁଠି ଜଣେ ପ୍ରଖ୍ୟାତ ଗୁରୁ ରହୁଥିଲେ । ଗୁରୁଙ୍କ ନିକଟକୁ ଯାଇ ଶିଷ୍ୟତ୍ୱ ପ୍ରାର୍ଥନା କଲା । କିନ୍ତୁ ତାର ଅନିନ୍ଦ୍ୟ ରୂପ ଯୌବନ ଦେଖି ଗୁରୁ ତାକୁ ଶିଷ୍ୟ ରୂପେ ଗ୍ରହଣ କରିବାକୁ ମନା କରିଦେଲେ । ତାପରେ ସେ ଅନ୍ୟଜଣେ ଗୁରୁଙ୍କ ପାଖକୁ ଯାଇ ଶିଷ୍ୟତ୍ୱ ଭିକ୍ଷା କଲା । ତାର ଅପରୂପ ସୌନ୍ଦର୍ଯ୍ୟ ଯୋଗୁଁ ସେଠାରେ ମଧ ନିରାଶ ହେବାକୁ ପଡିଲା ।

ଏଥରକ ଯୁବତୀଟି ସ୍ଥିର କରିନେଲା ଯେ ତାର ଲକ୍ଷ୍ୟ ପଥରେ ଯାହା ବାଧା ହୋଇ ଦେଖା ଦେଇଛି ତାକୁ ଫିଙ୍ଗି ଦେବାକୁ ପଡିବ । ଦିନକର ଘଟଣା ସେ ଏକାନ୍ତର ନିଜ ପ୍ରକୋଷ୍ଠରେ ନିଆଁ ଜାଳି ଖଣ୍ଡେ ଲୌହ ଶଳାକାକୁ ଉତ୍ତପ୍ତ କଲା ଏବଂ ତହିଁରେ ନିଜର ମୁହଁଯାକ ଦାଗି ଆଣିଲା । ତାର ମୁହଁ ଏପରି ବିକୃତ ହୋଇଗଲା ଯେ ଆଉ ଚିହ୍ନିହେବା ଅବସ୍ଥାରେ ନ ଥିଲା । ଏପରି ଇଚ୍ଛାକୃତ ଭାବେ ଯୁବତୀ ଜଣକ ନିଜର ସୌନ୍ଦର୍ଯ୍ୟକୁ ସବୁଦିନ ପାଇଁ ହରାଇ ଦେଲା । ଏତଦ୍ ଅନ୍ତେ ସେ ପୁଣିଥରେ ପୂର୍ବୋକ୍ତ ଦ୍ୱିତୀୟ ଗୁରୁଙ୍କ ନିକଟକୁ ଯାଇ ଶିଷ୍ୟତ୍ୱ ପ୍ରାର୍ଥନା କଲା । ଗୁରୁ ତାକୁ ଶିଷ୍ୟା ରୂପେ ଗ୍ରହଣ କଲେ । ନିଜର ନିଷ୍ଠା ବଳରେ ଅତି କମ୍ ସମୟ ମଧ୍ୟରେ ସେ ଜେନ୍ ଜୀବନଶୈଳୀକୁ ଆପଣେଇ ନେଲା ଏବଂ ଅଦ୍ଭୁତ ଭାବରେ ଆଧାତ୍ମିକ ସାଧନାରେ ଅଗ୍ରସର ହେଲା ।

ଏଭଳି ଦୃଢ଼ ଥିଲା ଯୁବତୀ ସଂକଳ୍ପ ଏବଂ ଏସମସ୍ତର ମୂଳ କାରଣ ଥିଲା ମହାରାଣୀଙ୍କ ଅକାଳ ନିଧନରେ ତାର ପ୍ରତିକ୍ରିୟା । ରାଜ ଉଆସରେ ସେବା ନିୟୋଜିତ ଅନ୍ୟ ଶହ ଶହ ସେବକ ସେବିକା ଥିଲେ । ସେ ମଧ୍ୟରୁ ଥୋକେ ହୁଏତ କାନ୍ଦିଥିବେ ଏବଂ କିଛିଦିନର ଶୋକ ପରେ ପରିସ୍ଥିତି ସହିତ ଖାପ୍ ଖୁଆଇ ନିଜକୁ ସମ୍ଭାଳି ନେଇଥିବେ, ହୁଏତ ଆଉକିଛି ଲୋକ ଶ୍ମଶାନ ବୈରାଗ୍ୟରେ ଚିନ୍ତାଗ୍ରସ୍ତ ହୋଇଥିବେ । ହୁଏତ କିଛିଦିନ ପାଇଁ ଉତ୍ତମ ବସନ ଭୂଷଣ ଧାରଣ କରି ନ ଥିବେ । ସେମାନେ ମଧ କିଛିଦିନ ପରେ ସେସବୁ ଭୁଲି ପୁଣି ସାଧାରଣ ଅବସ୍ଥାକୁ ଫେରି ଆସିଥିବେ । ପୁରୁଣା ଗୁଳାରେ ଚାଲିବାରେ ତାଙ୍କୁ କିଛି ବି ଅସୁବିଧା ହୋଇ ନ ଥିବ । କିନ୍ତୁ ତାଙ୍କ ମଧ୍ୟରେ ଜଣେ ମାତ୍ର ଏପରି ଥିଲା ଯେ ଅବିବେକୀ ନ ଥିଲା । ଅଜ୍ଞାନ ତିମିରେ ବୁଡ଼ି ରହି ନ ଥିଲା । ସେ ଯେ ଖାଲି ବିବେକୀ ଥିଲା । ତା ମଧ ନୁହେଁ । ସେ ବିବେକୀ ହେବା ସାଙ୍ଗକୁ ପ୍ରୟୋଗୀ ମଧ ଥିଲା । ବିବେକର ଅନୁଶୀଳନରେ ସେ ଯାହା ପାଇଲା ତାକୁ ନିଜ ଜୀବନରେ ସଙ୍ଗେ ସଙ୍ଗେ ପ୍ରୟୋଗ କଲା ।

ରାଜ କୁମାର ସିଦ୍ଧାର୍ଥଙ୍କ କାହାଣୀ ମଧ ଠିକ୍ ଏହିପରି । ସେ ଜଣେ ଉତ୍ତମ ଅଧିକାରୀ ଥିଲେ । ସେ ମଧ ଥିଲେ ଜଣେ ପ୍ରୟୋଗବାଦୀ ଅଧ୍ୟାତ୍ମଲିପ୍ସୁ । ଜୀବନାନୁଭୂତି ପ୍ରତି ଏକ ସୃଜନାତ୍ମକ ଓ ବିକାଶୋନ୍ମୁଖୀ ପ୍ରତିକ୍ରିୟା ପ୍ରକାଶ କରିବାରେ ସେ ଅତ୍ୟନ୍ତ ଧୁରୀଣ ଥିଲେ । ଏହାହିଁ ଥିଲା ତାଙ୍କର ବିଶେଷ ଗୁଣ, ଯାହା ବଳରେ ସେ ପ୍ରଥମେ ହେଲେ ସଂସାର ତ୍ୟାଗୀ, ତାପରେ ହେଲେ ତପସ୍ୱୀ ତାପରେ ଯୋଗୀ, ତାହା ପରେ ଜ୍ଞାନୀ, ତାପରେ ଜ୍ଞାନୋଦୀପ୍ତ ଗୁରୁ ବା ବୁଦ୍ଧ, ଜଣେ ବିଶ୍ୱଗୁରୁ । ସମଗ୍ର ବିଶ୍ୱ ତାଙ୍କ ଠାରୁ ଲାଭ ପାଇଛି । ଯେହେତୁ ସେ ଜଣେ ଉତ୍ତମ ଅଧିକାରୀ ଥିଲେ ସେ ଜୀବନର କୌଣସି ଅନୁଭୂତିକୁ ବି ଅନ୍ଧ ଭାବରେ ସ୍ୱୀକାର କରି ନ ଥିଲେ । ଅଜ୍ଞତା, ବିଚାରହୀନତା ଅନୁସନ୍ଧିତ୍ସା, ଅବିବେକିତା ତାଙ୍କର ଅନୁଭୂତିକୁ ସ୍ପର୍ଶ ମଧ କରି ନ ଥିଲା । ସେ ଯେ କେବଳ ଜଣେ ବୌଦ୍ଧିକ ବିଚାରବନ୍ତ ଓ ବିବେକୀ ଥିଲେ, ତା' ମଧ ନୁହେଁ ।

ବୌଦ୍ଧିକ ସ୍ତରରେ ଆମେ ଅନୁସନ୍ଧାନ କରୁ ଯୁକ୍ତି କରୁ, ସିଦ୍ଧାନ୍ତରେ ଉପନୀତ ହେଉ । କିନ୍ତୁ ତାପରେ ନିରବ ରହିଯାଉ । ଏହି ଦୃଷ୍ଟିରୁ ଆମେ କେବଳ ଜ୍ଞାନର ବୋଝରେ ଭାରାକ୍ରାନ୍ତ ହୋଇଥାଉ । ଫଳରେ ଜୀବନଟା ଅଛୁଆଁ ହୋଇ ରହିଯାଏ । କିନ୍ତୁ ରାଜକୁମାର ସିଦ୍ଧାର୍ଥ ଥିଲେ ଜଣେ ପ୍ରୟୋଗବାଦୀ ଆଧାତ୍ମଲିପସୁ । ସେ ଜୀବନର ସାଧାରଣରୁ ସାଧାରଣ ଅନୁଭୂତି ପ୍ରତି ମଧ ଯଥାଯଥ ପ୍ରତିକ୍ରିୟା ପ୍ରକାଶ କରିଥିଲେ ଯାହା ଅନ୍ୟ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଅର୍ଥହୀନ ଥିଲା । ତାଙ୍କ ସମୟରେ ପ୍ରତିଟି ବ୍ୟକ୍ତି ଜରା ବ୍ୟାଧି ଓ ମୃତ୍ୟୁକୁ ଦେଖିଥିଲେ । ଏସବୁ ଦେଖି ମଧ ସେମାନଙ୍କ ମନରେ କିଛି ପରିବର୍ତ୍ତନ ଆସି ନ ଥିଲା । ପରିବର୍ତ୍ତନ ଆସିଥିଲା କେବଳ ସିଦ୍ଧାର୍ଥଙ୍କର ।

କୌଣସି ଧାତୁ ଦ୍ରବ୍ୟରେ ପରଶ ପଥର ବାଜିଲେ ତାହା ସୁନା ପାଲଟିଯାଏ । କିନ୍ତୁ ମାଟି ବା କାଠ ପରଶ ପଥର ଦେହରେ ଘସି ହେଲେ ସୁଦ୍ଧା ତାହା ସୁନା ପାଲଟେ ନାହିଁ । ତାହା ଯେଉଁ ମାଟି ଓ କାଠକୁ ସେଇ ମାଟି ଓ କାଠ ହୋଇ ରହେ । ତଦ୍ରୂପ ଧାତୁରେ ତିଆରି ମଣିଷ ଦୈନନ୍ଦିନ ଅନୁଭୂତିର ସଂସ୍ପର୍ଶରେ ଆସିଲେ ଆତ୍ମିକ ଉନ୍ନତିର ଉଚ୍ଚତର ସୋପାନକୁ ତାର ବାଟ ଖୋଲିଯାଏ । ସିଦ୍ଧାର୍ଥ ଥିଲେ ସେହିପରି ଧାତୁରେ ତିଆରି ମଣିଷ । ତାଙ୍କ ମଧ୍ୟରେ ଥିଲା ଆତ୍ମିକ ବିକାଶର ସମୁଚିତ ଉପାଦାନ । ଉପଯୁକ୍ତ ଜାପାନୀ ସୁନ୍ଦରୀ ମଧ ସେହିପରି ଉପାଦାନାରେ ଗଢ଼ା ହୋଇଥିଲା । ତା' ମଧ୍ୟରେ ଏକ ଗ୍ରହଣଶୀଳ, ପ୍ରତିକ୍ରିୟାଶୀଳ ଓ ଉର୍ଦ୍ଧ୍ୱମୁଖୀ ପ୍ରତିଭା ଲୁଚି ରହିଥିଲା । ସେଇଥି ପାଇଁ ସେ ଲାଭକଲା ଆତ୍ମିକ ଉନ୍ନତି ।

ଆମେ ବୁଦ୍ଧଙ୍କ ଜୀବନ ଚରିତ ଚିନ୍ତନ କରିବା ଉଚିତ । ସାଧାରଣ ଜୀବନାନୁଭୂତିର ପ୍ରତିକ୍ରିୟାରେ ସେ କିପରି ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ, ସେ ସମ୍ପର୍କରେ ଅବଗତ ହେବା ଉଚିତ । ସେ ଯେତେବେଳେ ନିଜ ଭିତରେ ପ୍ରକାଣ୍ଡ ପରିବର୍ତ୍ତନର ସୁଅ ଅନୁଭବ କଲେ, ସେ ଚୁପ୍ ହୋଇ ବସି ଯାଇ ନ ଥିଲେ । ସେ ଜଣେ ପ୍ରୟୋଗବାଦୀ ଯୋଗୀ ଥିଲେ । ତେଣୁ ସାହସିକ ପଦକ୍ଷେପ ନେଇ ସଂସାରତ୍ୟାଗୀ ହେଲେ । ଜ୍ଞାନର ସନ୍ଧାନରେ ବ୍ରତୀ ହେଲେ । ଜଣେ କୃଚ୍ଛ ସାଧକ ଓ ତପସ୍ୱୀ ହେଲେ ଯୋଗ ଓ ଧ୍ୟାନ ଅଭ୍ୟାସ କରି ସେ ଜ୍ଞାନର ଆଲୋକ ପାଇଲେ । ପରିଶେଷରେ ହେଲେ ଜଣେ ବିଶ୍ୱଗୁରୁ ।

ଏହି ଦୃଷ୍ଟିରୁ ଦେଖିଲେ ମଣିଷ ଜୀବନରେ ଯାହାସବୁ ଅନୁଭବ କରେ ତାହା ଜୀବନକୁ ଉନ୍ନତ କରେ ନାହିଁ । ଜୀବନଧାରାକୁ ପରିବର୍ତ୍ତିତ କରି ଉଚ୍ଚତମ ସୋପାନରେ ପହଞ୍ଚାଏ ନାହିଁ । ବରଂ ଏଥିରେ ସଦା ତତ୍ପର ବିଚାର ଓ ବିବେକ ସାହାଯ୍ୟ କରନ୍ତି । ଅଧିକନ୍ତୁ ଏହା ମଧ ଯଥେଷ୍ଟ ନୁହେଁ । ଅସଲ କଥା ହେଉଛି ବ୍ୟକ୍ତି କେଉଁ ଜୀବନ୍ତ ଭାବରେ କେତେ ବଳିଷ୍ଠ ଭାବରେ ଜୀବନାନୁଭୂତ ପ୍ରତି ପ୍ରତିକ୍ରିୟା ପ୍ରକାଶ କରୁଛି, ତାହାହିଁ ବିକାଶର ମାର୍ଗ ନିର୍ଦ୍ଧାରଣ କରେ । ଜଣେ ଯଥାର୍ଥ କାନଲପ୍ସୁ ନିମନ୍ତେ ଏହାହିଁ ଆତ୍ମିକ ପ୍ରଗତିର ଉପାଦାନ ।

**ଭାଷାନ୍ତର ଡକ୍ଟର ମୀନକେତନ ପାଠୀ**
**ମହାନଦୀ ଲେନ୍, ବ୍ୟାଙ୍କ କଲୋନୀ,**
**ସାକ୍ଷୀପଡ଼ା, ସମ୍ବଲପୁର**

# ଦେବୀ ଦେବତାଙ୍କ ରୋଚକ ତଥ୍ୟ

**ହି**ନ୍ଦୁମାନଙ୍କ ତେତିଶ (୩୩) କୋଟି ଦେବୀ ଦେବତା ନୁହେଁ ଏହା ତେତିଶ (୩୩) ଗୋଟି ।

ଏଠି 'କୋଟି' ଅର୍ଥ 'ପ୍ରକାର' ।

ଦେବନଗରୀ (ସଂସ୍କୃତ) ଭାଷାରେ 'କୋଟି'ର ଦୁଇଟି ଅର୍ଥ ରହିଛି ଗୋଟିଏ କୋଟି (ପ୍ରକାର) ଅନ୍ୟ କୋଟି (ସଂଖ୍ୟା)କୁ ବୁଝାଯାଏ ।

ହିନ୍ଦୁ ଧର୍ମର ଦୁଃପ୍ରଚାର କରିବା ପାଇଁ କିଛି ବ୍ୟକ୍ତି ଏହି କଥାକୁ ଭୁଲ ଅର୍ଥରେ ଉଡାଇ ଚାଲିଛନ୍ତି । ଆଉ ଏବେତ କିଛି ଅଜ୍ଞାନୀ ହିନ୍ଦୁ ଏହା ଗାଇ ଚାଲିଛନ୍ତି ଯେ ଆମର ତେତିଶ କୋଟି ଦେବୀ ଦେବତା ଅଛନ୍ତି.... ଅଥଚ ଅନ୍ୟ ଧର୍ମର ଧର୍ମଗୁରୁ ମାନେ ସେମାନଙ୍କ ନାମ ପଚାରିଲା ବେଳକୁ ଏ ଅଜ୍ଞାନୀ ମାନେ ମୁକ ହୋଇ ଯାଆନ୍ତି ।

ସର୍ବମୋଟ ତେତିଶ (୩୩) ପ୍ରକାର ଦେବୀ ଦେବତା ହିନ୍ଦୁ ଧର୍ମରେ ଅଛନ୍ତି ।

ବାର ପ୍ରକାର : ଆଦିତ୍ୟ : ଧାତା, ମିତ, ଅର୍ଯ୍ୟାମା, ଶକ୍ରା, ବରୁଣ, ଅଂଶ, ଭାଗ, ବିବାସ୍ୱାନ, ପୁଷ, ତବସ୍ଥା, ସବିତା ଏବଂ ବିଷ୍ଣୁ ।

ଆଠ ପ୍ରକାର :- ବାସୁ ।

ଘର, ଧ୍ରୁବ, ସୋମ, ଅହ, ଅନୀଳ, ଅନଳ, ପ୍ରତୁଷ ଏବଂ ପ୍ରଭାଷ ।

ଏଗାର (୧୧) ପ୍ରକାର :- ରୁଦ୍ର: ହର, ବହୁରୂପ, ତ୍ରୟଂବକ, ଅପରାଜିତା, ବୃଷାକାପି, ଶମ୍ଭୁ, କପାଆର୍ଡି, ରେବାତ, ମୃଗବ୍ୟାଧ, ଶର୍ବା ଏବଂ କପାଳି ଏବଂ ଦୁଇ (୨) ପ୍ରକାର :- ଅଶ୍ୱିନୀ, କୁମାର ।

ସର୍ବମୋଟ :- ୧୨+୮+୧୧+୨=୩୩ କୋଟି(ପ୍ରକାର) ।

ଦେବୀ ଦେବତାଙ୍କ ପାଖରେ ହାତ ଯୋଡି ପ୍ରାର୍ଥନା କରିବା ପୂର୍ବରୁ ଉପର ଲିଖିତ ସମସ୍ତ ତଥ୍ୟ ଜାଣିବା ସାଧାରଣତଃ ଜଣେ ହିନ୍ଦୁଙ୍କ ପକ୍ଷରେ ନିହାତି ଆବଶ୍ୟକ ।

# ଆତ୍ମସାକ୍ଷାତ୍କାର ଆତ୍ମସାଧନା ଦ୍ୱାରା ହୋଇଥାଏ

ଏହି ସଂସାରରେ ଜ୍ଞାନୀ ମନୁଷ୍ୟ ଓ ଅଜ୍ଞାନ ମନୁଷ୍ୟ ରହନ୍ତି । ବ୍ରହ୍ମଜ୍ଞାନୀ ଓ ମୂଢ ମଧ ରହନ୍ତି । ଏହି ସଂସାରରେ ଆସ୍ତିକ ଓ ନାସ୍ତିକ ମଧ ରହନ୍ତି । ଯୋଗୀ ଓ ଭୋଗୀ ମଧ ଅଛନ୍ତି । ଜ୍ଞାନୀ ଓ ଅଜ୍ଞାନୀ ବ୍ରହ୍ମଜ୍ଞାନୀ ଆଉ ମୂଢମତି, ଯୋଗୀ ଓ ଭୋଗୀ, ସମସ୍ତେ ଏହି ସଂସାରରେ ରହନ୍ତି । ସମସ୍ତଙ୍କୁ ଭୋକ, ଶୋଷ, ପୀଡା ଓ ବେଦନାର ଅନୁଭବ ହୋଇଥାଏ । ସମସ୍ତଙ୍କ ଭୌତିକ ଶରୀର ନଷ୍ଟ ହୋଇଥାଏ ଏବଂ ସମସ୍ତେ ମୃତ୍ୟୁକୁ ପ୍ରାପ୍ତ ହୋଇଥାନ୍ତି । ବାହ୍ୟ ଦୃଷ୍ଟିରୁ ଦୁହେଁ ଏକ ସମାନ ହୋଇଥାନ୍ତି, କିନ୍ତୁ ବାସ୍ତବରେ ଆନ୍ତରିକ ଦୃଷ୍ଟିରୁ ଦୁହିଁଙ୍କ ମଧରେ ଆକାଶ ଓ ପାତାଳ ଭଳି ଅସାଧାରଣ ଅନ୍ତର ଥାଏ । ଅଜ୍ଞାନ, ବିଦ୍ୟାବିହୀନ, ଭୋଗର ଭୌତିକ ଭୋଗୀ ଓ ନାସ୍ତିକ ସ୍ତରର ଲୋକେ ସବୁ ପ୍ରକାର ଭୌତିକ, ଭୋଗର ସାଧନ ଉପଭୋଗ କରିବା ସତ୍ତ୍ୱେ ଦୁଃଖୀ ରହନ୍ତି । ଅଗାଧ ଭୌତିକ ସୁଖ-ସାଧନଗୁଡିକ ମଧରେ ଥାଇ ମଧ ସେମାନଙ୍କ ଜୀବନରେ ସୁଖ-ଶାନ୍ତିର ସର୍ବଥା ଅଭାବ ହୋଇଥାଏ ।

ଭୌତିକ ସାଧନ, ଭୋଗଗୁଡିକ ଦ୍ୱାରା କ୍ଷଣିକ ଓ ତାତ୍କାଳିକ ସୁଖ ସେମାନେ ଅବଶ୍ୟ ପାଇଥାନ୍ତି, କିନ୍ତୁ ପରବର୍ତ୍ତୀ କ୍ଷଣରେ ସେମାନେ ପୁଣି ଦୁଃଖୀ ଓ ନିରାଶ ହୋଇଯାନ୍ତି । ସେମାନେ ପୁଣି ଅତୃପ୍ତ ହୋଇଯାଆନ୍ତି । ସୁଖ-ସାଧନଗୁଡିକ ଥିଲେ ମଧ ସେମାନେ ସେହି ସାଧନଗୁଡିକ ସମାପ୍ତ ହୋଇଯିବା ଅଥବା ଚାଲିଯିବାର ଅଜ୍ଞାତ ଭୟରେ ସଦାବେଳେ ଭୟଭୀତ ରହନ୍ତି । ରହି ରହି ସେମାନଙ୍କ ମନରେ ଭୟ ଓ ନିରାଶାର କଳା ବାଦଲ ଘୋଟି ଯାଇଥାଏ । ସେମାନେ ସୁଖ-ଦୁଃଖ, ପାପ-ପୁଣ୍ୟ, ଶୁଭ-ଅଶୁଭ, ଭଲ-ମନ୍ଦ କର୍ମ ଗୁଡିକର ବନ୍ଧନରେ ବାନ୍ଧି ହୋଇଥାନ୍ତି । ତାଙ୍କର ପ୍ରତ୍ୟେକ କର୍ମ ସେମାନଙ୍କର ବନ୍ଧନର କାରଣ ହୋଇଥାଏ । ଏପରି ଲୋକମାନେ ମୃତ୍ୟୁର କଳ୍ପନା ମାତ୍ରକେ କମ୍ପି ଉଠନ୍ତି । ମୃତ୍ୟୁର ସ୍ମରଣ, ମୃତ୍ୟୁର କଳ୍ପନା ସେମାନଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ କନ୍ଦାଇଥାଏ । ମୃତ୍ୟୁ ପୂର୍ବରୁ ଜଣା ନାହିଁ ସେମାନେ କେତେ ଥର ମୃତ୍ୟୁ ଭୟରେ ଭୟଭୀତ ହୋଇଥାନ୍ତି । ଏପରି ଲୋକମାନେ ପ୍ରତ୍ୟେକ କ୍ଷଣରେ ସୁଖ-ଦୁଃଖ ଓ ଆଶା- ନିରାଶାର ଦୋଳିରେ ଝୁଲି ରହିଥାନ୍ତି । ସେମାନଙ୍କ ପାଇଁ ଏହି ଜୀବନ ଅନ୍ଧାର, କଳା ଓ ଭୟତ୍ରସ୍ତ ରାତ୍ରି ହୋଇଥାଏ, ଯେଉଁଥିରେ ସେମାନେ ପ୍ରତ୍ୟେକ କ୍ଷଣ ମରିଥାନ୍ତି ଓ ଜିଇଥାନ୍ତି, କିନ୍ତୁ ପ୍ରଶ୍ନ ଉଠେ ଯେ ଯେଉଁମାନେ ତତ୍ତ୍ୱଜ୍ଞ, ଜ୍ଞାନୀ ସେମାନଙ୍କ ପାଇଁ ଏହି ଦୁନିଆ କିପରି ଦେଖା ଯାଇଥାଏ ? ତୈତ୍ତିରୀୟ ଉପନିଷଦ୍ (୩.୬.୧)ରେ ବେଦର ଜଣେ ଋଷି ନିଜର ଅନୁଭୂତିକୁ ଏହି ଶବ୍ଦ ମାଧମରେ ପ୍ରକଟ କରିଛନ୍ତି- "ଏହି ବିଶ୍ୱ ଆନନ୍ଦରୁ ଉତ୍ପନ୍ନ ହୋଇଛି, ଆନନ୍ଦରେ ସ୍ଥିର ରହିଛି ଏବଂ ଆନନ୍ଦରେ ହିଁ ପୁନଃ ଲୀନ ହୋଇଯାଇଥାଏ ।" କହିବାର ଅର୍ଥ ହେଉଛି, ଯେଉଁମାନଙ୍କର ଆତ୍ମଜ୍ଞାନ ନାହିଁ ସେମାନେ ଦୁଃଖ ଭୋଗିଥାନ୍ତି, କିନ୍ତୁ ତତ୍ତ୍ୱଦ୍ରଷ୍ଟା ବ୍ୟକ୍ତି ନିତ୍ୟ ଈଶ୍ୱରୀୟ ଆନନ୍ଦର ଅନୁଭବ କରନ୍ତି, କାରଣ ଯିଏ ଜ୍ଞାନୀ, ବ୍ରହ୍ମଜ୍ଞାନୀ, ଯୋଗୀ ଅଟନ୍ତି, ତାଙ୍କର ତ ଦୁନିଆ ଅଲଗା ହୋଇଥାଏ । ଏହି ସଂସାରରେ ରହିଥିଲେ ମଧ ତାଙ୍କର ଦୁନିଆ ଅଲଗା ହୋଇଥାଏ ।

ଏହି ଦୁନିଆରେ ରହିଥିଲେ ମଧ ସେମାନେ ବାହ୍ୟ ଜଗତରେ ଦେଖାଯାନ୍ତି ଅବଶ୍ୟ, କିନ୍ତୁ ତାଙ୍କର ଆନ୍ତରିକ ଜଗତ୍ ବିଲକୁଲ ଅଲଗା । ସେମାନଙ୍କର ନିଜର ଅଲଗା ସଂସାର ରହିଛି, ଯେଉଁଥିରେ ସେମାନେ ପ୍ରତିମୁହୂର୍ତ୍ତରେ ପରମ ଆନନ୍ଦର ଅନୁଭୂତି ପାଇଥାନ୍ତି । ଭୋଗଗୁଡିକ ମଧରେ ଦେଖାଗଲେ ମଧ ସେମାନେ ଭୋଗଠାରୁ ଦୂରରେ ରହନ୍ତି । ଭୋଗଗୁଡିକ ମଧରେ ରହିଲେ ମଧ ସେମାନେ ଅଭୋଗୀ ହୋଇଥାନ୍ତି, କାମନାଗୁଡିକ ମଧରେ ରହିଲେ ମଧ ସେମାନେ ଅକାମୀ ହୋଇଥାନ୍ତି ।

ସେମାନେ କର୍ମ କରୁଥିଲେ ବି ଅକର୍ମୀ ହୋଇଥାନ୍ତି । କାରଣ ତାଙ୍କର ପ୍ରତ୍ୟେକ କର୍ମ ନିଷ୍କାମ ହୋଇଥାଏ, ତାଙ୍କର ପ୍ରତ୍ୟେକ କର୍ମ ଈଶ୍ୱରଙ୍କୁ ସମର୍ପିତ ହୋଇଥାଏ । ତାଙ୍କର ପ୍ରତ୍ୟେକ କର୍ମ ଫଳାସକ୍ତି ଓ କର୍ତ୍ତାପଣର ଭାବନା ରହିତ ହୋଇଥାଏ । ତେଣୁ ଭୋଗଗୁଡିକ ପ୍ରତି ତାଙ୍କର କୌଣସି ଆସକ୍ତି ନ ଥାଏ, କାମନାଗୁଡିକ ପ୍ରତି ତାଙ୍କର କୌଣସି ଆସକ୍ତି ହୋଇ ନଥାଏ, ସଂସାର ପ୍ରତି ତାଙ୍କର କୌଣସି ଆସକ୍ତି ହୋଇ ନଥାଏ । ସେମାନେ କାମ, କ୍ରୋଧ, ମଦ, ମୋହ, ଦମ୍ଭ, ଦୁର୍ଭାବ ଆଦିରୁ ସର୍ବଥା ମୁକ୍ତ ହୋଇଥାନ୍ତି । ସାଧାରଣ ଦେଖାଗଲେ ମଧ ସେମାନେ ଅସାଧାରଣ ହୋଇଥାନ୍ତି, କାରଣ ତାଙ୍କର ଚେତନା ନିଜର ଶିଖରରେ ସ୍ଥିତ ହୋଇଥାଏ ।

ତାଙ୍କର ଆତ୍ମାରେ ପରମାତ୍ମା ଜୀବନ୍ତ ଓ ଜାଗ୍ରତ ଥାଆନ୍ତି । ମୃତ୍ୟୁ ମଧ ତାଙ୍କ ପାଇଁ ମହୋତ୍ସବ ହୋଇଥାଏ, କାରଣ ଆତ୍ମା ନିତ୍ୟ, ସନାତନ ଓ ପୁରାତନ ଏହି ପରମ ସତ୍ୟ ତାଙ୍କୁ ଜ୍ଞାତ ହୋଇଥାଏ । ସେମାନେ ଜାଣନ୍ତି ଯେ ଆତ୍ମା ଅଜର-ଅମର ଓ ଅବିନାଶୀ ଏବଂ ମୁଁ ଶରୀର ନୁହେଁ ଆତ୍ମା ଅଟେ । ଶରୀର ତ ଆତ୍ମାର ବସ୍ତ୍ର ମାତ୍ର । ମୁଁ ତ ଈଶ୍ୱରଙ୍କର ଦିବ୍ୟ ଅଂଶ, ତାହାହେଲେ ମୃତ୍ୟୁର ଭୟ କାହିଁକି ? ମୃତ୍ୟୁ ତ ଶରୀରର ହୋଇଥାଏ, ବସ୍ତ୍ରର ହୋଇଥାଏ, ତାହାହେଲେ ମୃତ୍ୟୁକୁ ଡରିବା କାହିଁକି ? ଏହି ପରମ ସତ୍ୟର ଅନୁଭୂତି ହେବା କାରଣରୁ ହିଁ ତାଙ୍କ ପାଇଁ ଜୀବନର ପ୍ରତ୍ୟେକ ମୁହୂର୍ତ୍ତ, ପ୍ରତ୍ୟେକ କ୍ଷଣ ଉତ୍ସବ, ମହୋତ୍ସବ ଓ କେବଳ ଜୀବନ ହିଁ କାହିଁକି, ତାଙ୍କ ପାଇଁ ତ ମୃତ୍ୟୁ ମଧ ମହୋତ୍ସବ ଅଟେ । ମୃତ୍ୟୁ ମଧ ମରଣ ନୁହେଁ, ବରଂ ମଙ୍ଗଳ ଉତ୍ସବ ଅଟେ । ତେଣୁ ସେମାନେ ମୃତ୍ୟୁକୁ ଆଲିଙ୍ଗନ କରି ମଧ ଆନନ୍ଦିତ ହୋଇଥାନ୍ତି । ସେମାନେ ମୃତ୍ୟୁର ମଧ ସାକ୍ଷାତ୍କାର କରିପାରିବାରେ ସମର୍ଥ ହୋଇଥାନ୍ତି । ତାଙ୍କ ପାଇଁ ଏହି ସଂସାର ପରମାତ୍ମାଙ୍କର ପ୍ରତ୍ୟକ୍ଷ ଅଭିବ୍ୟକ୍ତି ଅଟେ । ସାଗରର ପ୍ରତ୍ୟେକ ଲହରୀରେ, ସରିତର ଧାରାରେ, ଉଷାକାଳୀନ ସୂର୍ଯ୍ୟର ଲାଲିମାରେ, ଚନ୍ଦ୍ରର ଚାନ୍ଦିନୀରେ, ଅନ୍ତରୀକ୍ଷରେ, ଝଲକିତ ତାରାଗଣଙ୍କ ମଧରେ, ରଙ୍ଗ-ବେରଙ୍ଗର ପୁଷ୍ପଗୁଡିକରେ ତାଙ୍କୁ ପରମାତ୍ମାଙ୍କ ସୌନ୍ଦର୍ଯ୍ୟ ହିଁ ଦେଖାଯାଇଥାଏ । ଆକାଶରେ ଘୋଟି ଆସୁଥିବା କଳା ମେଘ ଖଣ୍ଡଗୁଡ଼ିକରେ ତାଙ୍କୁ ଈଶ୍ୱରଙ୍କ ସୌନ୍ଦର୍ଯ୍ୟ ହିଁ ଦେଖାଯାଇଥାଏ । ସେଥିପାଇଁ ତ ୭ ବର୍ଷ ଅବସ୍ଥାରେ ଶ୍ରୀରାମକୃଷ୍ଣ ଦେବ ଆକାଶରେ ଘୋଟିଥିବା ମେଘ ମଧରେ ଉଡୁଥିବା ପକ୍ଷୀମାନଙ୍କ ସମୂହକୁ ଦେଖି ଭାବ ସମାଧିରେ ବୁଡିଗଲେ ଏବଂ ମୂର୍ଚ୍ଛିତ ହୋଇ ତଳେ ପଡିଗଲେ ।

ପରମାତ୍ମାଙ୍କର ଏହି ଦିବ୍ୟ ସୌନ୍ଦର୍ଯ୍ୟକୁ ମନ ବା ବୁଦ୍ଧିର ଆଗରେ, ଦୃଷ୍ଟିରେ ଦେଖାଯାଇ ପାରିବ ନାହିଁ । ସମଗ୍ର ସଂସାରରେ ବ୍ୟାପ୍ତ ସର୍ବବ୍ୟାପୀ, ସର୍ବଜ୍ଞ, ନିରାକାର ବ୍ରହ୍ମଙ୍କ ସୌନ୍ଦର୍ଯ୍ୟକୁ ଦେଖିବା ପାଇଁ ତ ଆତ୍ମଦୃଷ୍ଟି, ବ୍ରହ୍ମଦୃଷ୍ଟି ଆବଶ୍ୟକ, ଯାହା ଆତ୍ମଜ୍ଞାନ ଓ ବ୍ରହ୍ମଜ୍ଞାନ ହେବା ପରେ ହିଁ ଖୋଲିଥାଏ । ସତତ ନିରନ୍ତର ସାଧନା, ଭଗବଦ୍ଧ୍ୟାନ, ଭଗବଦ୍ ଭଜନ, ସ୍ମରଣ, ସ୍ୱାଧ୍ୟାୟ, ସେବା ଆଦି ଦ୍ୱାରା ଯେତେବେଳେ ଆତ୍ମା ଉପରେ ଜମିଥିବା ମାୟାର, ଅଜ୍ଞାନର, ଅବିଦ୍ୟାର ଆବରଣ ସମାପ୍ତ ହୋଇଯିବ, ସେତେବେଳେ ସେହି ଆତ୍ମାରେ ଅଂଶ ରୂପରେ, ବୀଜ ରୂପରେ ବ୍ୟାପ୍ତ ପରମାତ୍ମତତ୍ତ୍ୱ ସକ୍ରିୟ ହୋଇ ଉଠିବ, ଜାଗ୍ରତ ହୋଇ ଉଠିବ, ଜୀବନ୍ତ ହୋଇ ଉଠିବ ଏବଂ ଆତ୍ମା ପରମାତ୍ମାଙ୍କ ପରମ ପ୍ରକାଶରେ ପ୍ରକାଶିତ ହୋଇ ଉଠିବ ।

ସେହି ଅବସ୍ଥାରେ ସାଧକର ଆତ୍ମାରେ ସତ୍ୟସ୍ୱରୂପ, ପ୍ରେମରୂପ, ଜ୍ଞାନ ସ୍ୱରୂପ, ସତ୍-ଚିତ-ଆନନ୍ଦ ସ୍ୱରୂପ ପରମାତ୍ମା ପ୍ରକଟ ହୋଇ ଉଠନ୍ତି । ସେତେବେଳେ ଆତ୍ମାରେ ପରମାତ୍ମା ଖେଳିଥାନ୍ତି, ନିଜର ଦିବ୍ୟଲୀଳା କରିବାକୁ ଲାଗନ୍ତି ଏବଂ ସାଧକ ତ ତାଙ୍କ ଲୀଳାର, କ୍ରୀଡାର କେବଳ ଏକ ଉପକରଣ ହୋଇ ରହିଯାଏ । ସାଧକର ଶରୀର ତ ଏକ ରଂଗମଞ୍ଚ ହୋଇଥାଏ, ଯାହା ଉପରେ ବସିଥିବା ଆତ୍ମା ପରମାତ୍ମାଙ୍କ ଇସାରାରେ ନାଚି ଥାଏ ଏବଂ ପରମାତ୍ମାଙ୍କ ପରମ ଆନନ୍ଦର ଅନୁଭୂତିରେ ପ୍ରତିପଳ ଆତ୍ମହରା ହୋଇଯାଏ ।

ସେତେବେଳେ ସାଧକ ଭିତରେ ଏକ ମହାଆକାଶ ଓହ୍ଲାଇ ଆସେ, ଯେଉଁଥିରେ ପରମାତ୍ମା ଖଦ୍ୟୋତ ହୋଇ, ନକ୍ଷତ୍ର ହୋଇ ଚମକି ଥାଆନ୍ତି । ନିଜ ଆତ୍ମାରେ ପରମାତ୍ମାଙ୍କର ଏହି ରୂପରେ ପ୍ରତିକ୍ଷଣରେ ହେଉଥିବା ଦିବ୍ୟ ଅନୁଭୂତିରୁ ସାଧକ ଖୋଲା ନେତ୍ରରେ ମଧ ଗହନ ଧ୍ୟାନରେ, ଭାବ ସମାଧିରେ ବୁଡିଯାଏ । ସାଧକର ମନ ଲୋପ ହୋଇଯାଏ ଅଥବା ଏମିତି କହିଲେ ମଧ ହେବ ଯେ ପରମାତ୍ମାଙ୍କ ଚିନ୍ତନ କରି କରି ମନ ପରମାତ୍ମାଙ୍କ ଭିତରେ ସେହିପରି ମିଶିଯାଏ, ମିଳେଇଯାଏ ଯେପରି ସାଗରରେ ଲୁଣ ପିତୁଳା ମିଶି ଯାଏ ଏବଂ ସେତେବେଳେ ସ୍ୱୟଂ ମଧ ସାଗର ହୋଇଯାଏ । ସାଧକର ଚିତ୍ତର, ସାଧକର ଚେତନାର ଏହା ସେହି ଅବସ୍ଥା, ଯେଉଁଥିରେ ତାକୁ ସର୍ବତ୍ର ପରମାତ୍ମା ହିଁ ପରମାତ୍ମା ଦେଖାଯାନ୍ତି । କାରଣ ଏବେ ତା' ଭିତରେ ପରମାତ୍ମା ଓହ୍ଲାଇ ଯାଇଛନ୍ତି, ତା' ଭିତରେ ପରମାତ୍ମା ଜୀବନ୍ତ ଓ ଜାଗ୍ରତ ହୋଇଯାଇଛନ୍ତି ଏବଂ ତା' ଭିତରେ ଜ୍ଞାନର ସୂର୍ଯ୍ୟ ଉଦୟ ହୋଇଯାଇଛନ୍ତି । ଏହାକୁ ନିଜସ୍ୱ ଶବ୍ଦରେ ସନ୍ଥ କବୀର ଏହିପରି ଅଭିବ୍ୟକ୍ତ କରିଛନ୍ତି – ଲାଲୀ ଦେଖନ ମିଁ ଗଈ, ମିଁ ଭୀ ହୋ ଗଈ ଲାଲ । ଲାଲୀ ମେରେ ଲାଲ କୀ, ଜିତ ଦେଖୁଁ ତିତ ଲାଲ । ଏହା ସେହି ଅବସ୍ଥା ଯେଉଁଥିରେ ସାଧକ ହର୍ଷ–ବିଷାଦ, ମାନ-ଅପମାନ ଆଦି ଦ୍ୱିଗୁଡିକରୁ ଉର୍ଦ୍ଧ୍ୱକୁ ଯାଇ ପରମ ଆନନ୍ଦରେ ସ୍ଥିତ ହୋଇଯାଏ । ଏ ସନ୍ଦର୍ଭରେ ସନ୍ଥ କବୀର କହନ୍ତି- ଯେବେ ନିଜର ଆତ୍ମରୂପର ଅନୁଭବ ହୋଇଯାଏ, ସେତେବେଳେ ହର୍ଷ-ଶୋକ ରହେ ନାହିଁ । ଏପରି ଲୋକେ ବାଦ–ବିବାଦ ତ୍ୟାଗ କରି ଚିତ୍ରର ଦୀପ ଭଳି ସ୍ଥିର ହୋଇଯାନ୍ତି ।

ଯଦି ଆମେ ମଧ ସେହି ପରମ ଆନନ୍ଦ ଅବସ୍ଥାରେ ସ୍ଥିତ ହେବାକୁ ଚାହିଁବା ତେବେ ଆମକୁ ମଧ ଇନ୍ଦ୍ରିୟମାନଙ୍କ ଦାସତ୍ୱରୁ ମୁକ୍ତ ହେବାକୁ ପଡିବ । ଆମେ ଶରୀର, ମନ, ବୁଦ୍ଧି ଓ ଇନ୍ଦ୍ରିୟମାନଙ୍କ ତଳରୁ ଉପରକୁ ଉଠି ଆତ୍ମତଳ ଉପରେ ଅବସ୍ଥିତ ହେବାକୁ ପଡିବ । ଯଦିଓ ଆମେ ଶାସ୍ତ୍ରରେ ପଢିଛେ ଯେ ମୁଁ ଈଶ୍ୱରଙ୍କ ଅଂଶ, ପରମାତ୍ମା ଆମ ଭିତରେ ଅଛନ୍ତି, ପରମାତ୍ମା ସର୍ବତ୍ର ବ୍ୟାପ୍ତ, ସତ୍-ଚିତ୍-ଆନନ୍ଦ ସ୍ୱରୂପ ହିଁ ଆମର ସଚ୍ଚା ସ୍ୱରୂପ, କିନ୍ତୁ ଯେତେବେଳ ପର୍ଯ୍ୟନ୍ତ ଏହି ସତ୍ୟକୁ ଆମେ କେବଳ ବୌଦ୍ଧିକ ରୂପରେ ବୁଝି ଛେ, ସେତେବେଳ ପର୍ଯ୍ୟନ୍ତ ସେଥିରୁ ଆମକୁ କୌଣସି ଲାଭ ମିଳି ନ ଥାଏ । ଯେପର୍ଯ୍ୟନ୍ତ ଆମ ନିଜ ଭିତରେ ଏହି ଅନୁଭୂତି ହୋଇ ନ ଥାଏ, ସେପର୍ଯ୍ୟନ୍ତ ଶାସ୍ତ୍ରରେ ଲେଖା ଯାଇଥିବା କଥା ଆମ ପାଇଁ କି ପ୍ରୟୋଜନ ?

ଶାସ୍ତ୍ରରେ ଲେଖାଯାଇଥିବା କଥାକୁ ପଢିବା-ଘୋଷିବା ବା କହିବା ଦ୍ୱାରା କୌଣସି ଲାଭ ମିଳି ନଥାଏ । ଯେତେବେଳେ ଆମେ ଶାସ୍ତ୍ରରେ କୁହାଯାଇଥିବା ଏହି କଥାଗୁଡିକୁ ନିଜ ଜୀବନରେ ଅବଲମ୍ବନ କରି ପରମାତ୍ମାଙ୍କ ଅନୁଭୂତି ପ୍ରାପ୍ତ କରି ପାରିବା ସେତେବେଳେ ଆମକୁ ଲାଭ ମିଳିବ । ଏଥିପାଇଁ ଆମକୁ ଆତ୍ମାନୁସନ୍ଧାନ, ଆତ୍ମାସାକ୍ଷାତ୍କାରର ମାର୍ଗ ଗ୍ରହଣ କରିବାକୁ ହେବ । ଶ୍ରୀରାମକୃଷ୍ଣ ପରମହଂସ ଏ ବିଷୟରେ ଏକ ସୁନ୍ଦର ଦୃଷ୍ଟାନ୍ତ ଦେଇ କହିଛନ୍ତି– "ସାଧନା କରିବା ଦ୍ୱାରା ଭଗବତ୍‌କୃପା ଫଳରେ ସାଧକକୁ ପୂର୍ଣ୍ଣତା ପ୍ରାପ୍ତ ହୋଇଥାଏ । ଅନିବାର୍ଯ୍ୟ ପ୍ରଯତ୍ନ କଲେ ସାଧକ ଈଶ୍ୱରଙ୍କୁ ଦେଖିପାରେ ଆଉ ତାଙ୍କର ଆନନ୍ଦର ରସ ଚାଖିପାରେ । ଯେତେବେଳେ କେହି ଶୁଣେ ଯେ ଅମୁକ ଜାଗାରେ ସୁନାରେ ପରିପୂର୍ଣ୍ଣ ଘଡା ଜମିରେ ପୋତା ହୋଇଛି ତ ସେ ତତ୍‌କାଳ ଦଉଡି ଯାଇ ସେଇଠି ପହଞ୍ଚିଯାଏ ଏବଂ ଖୋଳିବା ଆରମ୍ଭ କରିଦିଏ । ଖୋଳି ଖୋଳି ସେ ଝାଳ ବୁହାଇ ଦିଏ । ବହୁତ ପରିଶ୍ରମ ପରେ ଯେବେ ତାକୁ ଅନୁଭବ ହୁଏ ଯେ କୋଦାଳ କୌଣସି ବସ୍ତୁରେ ବାଜି ଝଣଝଣ ଶବ୍ଦ କରୁଛି, ସେତେବେଳେ ସେ କୋଦାଳ ଫିଙ୍ଗି ଘଡାଟିକୁ ଖୋଜିବାରେ ଲାଗେ । ଘଡାଟିକୁ ଦେଖି ସେ ଆନନ୍ଦରେ ନାଚିବାରେ ଲାଗେ । ପୁଣି ସେ ଘଡାଟିକୁ ବାହାର କରେ ଏବଂ ସୁନାର ମୁଦ୍ରା ପାଇ ନିଜକୁ ଧନ୍ୟ ମନେ କରେ । ନିଜ ଭିତରେ ପରମାତ୍ମାଙ୍କ ଅନୁଭୂତି ପାଇ ଆମେ ମଧ ପ୍ରସନ୍ନ ଓ ସନ୍ତୁଷ୍ଟ ହୋଇ ପାରିବା । ବାସ୍, ଏକମାତ୍ର ସର୍ତ୍ତ ହେଉଛି ଆମେ ଆତ୍ମସାଧନା, ଆତ୍ମାନୁସନ୍ଧାନ ଦ୍ୱାରା ଆତ୍ମସାକ୍ଷାତ୍କାର ପାଇବା ପାଇଁ ଆଜି ଆଉ ଏବେ ଠାରୁ ପ୍ରସ୍ତୁତ ଓ ତତ୍ପର ହୋଇଯିବା ଉଚିତ । ତେବେ ସେହି ପ୍ରତ୍ୟକ୍ଷ ଅନୁଭୂତିକୁ ପ୍ରାପ୍ତ କରିବା ସମ୍ଭବ ହୋଇପାରିବ ।

## ଆଜିର ଚିନ୍ତନ

ଜଣେ ପ୍ରସିଦ୍ଧ ରୁଷୀୟ ଲେଖିଛନ୍ତି - ଜଣେ ବ୍ୟକ୍ତି କେଉଁଠି ଏକ ବିଜ୍ଞାପନ ପଢ଼ିଲା ଯେ ସାଇବେରିଆରେ ଗୋଟିଏ ଗାଁ ଅଛି, ଯେଉଁଠି ସେମାନେ ଲୋକଙ୍କୁ ମାଗଣାରେ ଜମି ଦେଉଛନ୍ତି । ଯେତେ ଇଚ୍ଛା ସେତେ ନେଇ ହେବ । ଏହା ପଢ଼ି ତାକୁ ଆଶ୍ଚର୍ଯ୍ୟ ଲାଗିବାରୁ ସେ ଠିକଣା ପଚାରି ପଚାରି ସେଇ ଗାଁରେ ପହଞ୍ଚି ଗଲା । ସେଠାରେ ପହଞ୍ଚିବା ପରେ ସେ ଗ୍ରାମପ୍ରଧାନକୁ ଯାଇ ଦେଖା କଲା । ନିଜର ଜିଜ୍ଞାସା ତାଙ୍କ ସମକ୍ଷରେ ରଖି ସେ ପଚାରିଲା- 'ସତରେ କ'ଣ ଏଠାରେ ମାଗଣାରେ ଜମି ଦିଆଯାଉଛି ? ଉତ୍ତର 'ହଁ'ରେ ମିଳିଲା ।

ସେ କହିଲା– 'ଜମି ନେବା ପାଇଁ ମୋତେ କ'ଣ କରିବାକୁ ହେବ ? ଗ୍ରାମପ୍ରଧାନ କହିଲା– 'ବିଶେଷ କିଛି କରିବାର ନାହିଁ । ବାସ୍ ?, ସୂର୍ଯ୍ୟୋଦୟ ହେବାର ପ୍ରତୀକ୍ଷା କର । ସୂର୍ଯ୍ୟ ଉଦୟ ହେବା ପରେ ଆମେ ତୁମକୁ ୪ଟି ପତାକା ଦେବୁ । ସେଗୁଡ଼ିକୁ ନେଇ ତୁମେ ଦୌଡ଼ିବ । ପ୍ରଥମେ ଉତ୍ତରକୁ ଦୌଡ଼ି ସେଠାରେ ଗୋଟିଏ ପତାକା ପୋତିଦେବ, ତାପରେ ପୂର୍ବ, ପୁଣି ପଶ୍ଚିମ, ଏହିପରି ତିନିଟି ପତାକା ପୋତିବା ପରେ ଏଇ ସ୍ଥାନକୁ ଫେରି ଆସିବ । ଯେତେବେଳେ ଏଠାକୁ ଫେରିଆସି ସୂର୍ଯ୍ୟାସ୍ତ ପୂର୍ବରୁ ସମାପ୍ତି ରେଖାରେ ଶେଷ ପତାକାଟି ପୋତିଦେବ ତ ଯେତିକି ଜମି ତୁମେ ମାପିଥିବ, ସେତିକି ତୁମର ହୋଇଯିବ– ଏହି ନିୟମ ଆମେ କରିଛୁ ।" ସେହି ବ୍ୟକ୍ତି କହିଲା – "ଏହା ତ ବହୁତ ସାଧାରଣ ସର୍ତ୍ତ, ତେବେ ଆଜି ପର୍ଯ୍ୟନ୍ତ କେହି ଏହାକୁ ଜିତି ପାରି ନାହାନ୍ତି କିପରି ? ଏହା ଶୁଣି ଗ୍ରାମପ୍ରଧାନ ହସିଲା ଓ କହିଲା– "ସକାଳୁ ଦୌଡ଼ିବ ତ ତୁମକୁ ଜଣା ପଡ଼ିଯିବ ।" ପରବର୍ତ୍ତୀ ଦିନ ସକାଳର ସୂର୍ଯ୍ୟ ଉଦୟ ହେବା ସହିତ ସେଇ ବ୍ୟକ୍ତି ଦୌଡ଼ିବା ଆରମ୍ଭ କଲା, କିନ୍ତୁ ସେ ଯେତିକି ଦୌଡୁଥିଲା, ତା'ର ଲୋଭ ସେତିକି ବଢୁଥିଲା, ଭାବୁଥିଲା ଯେ ଆଉ ଟିକେ ଦୌଡ଼ିଯିବି ତ ଆହୁରି ଅଧିକ ଜମି ମୋର ହୋଇଯିବ । ଲୋଭରେ ପଡ଼ି ସେ ନିଜ ସାଙ୍ଗରେ ଆଣିଥିବା ଖାଦ୍ୟ ଫିଙ୍ଗି ଦେଲା, ପାଣି ଫିଙ୍ଗି ଦେଲା, ପୋଷାକ କମ୍ କରିଦେଲା, ଯେପରିକି ଅଧାଧିକ ଜମି ମାପି ପାରିବ ଦିପହର ଦୁଇଟାରେ ତାକୁ ହୋସ ଆସିଲା ଓ ପ୍ରଥମ ପତାକାଟି ପୋତିଦେଲା । ପୁଣି ଅନ୍ୟ ଏକ ଦିଗରେ ଦୌଡ଼ିଲା ଓ ଦ୍ୱିତୀୟ ପତାକା ପୋତିଲା, ପୁଣି ତୃତୀୟ ଦିଗରେ ତୃତୀୟ ପତାକା ପୋତିଦେଲା । ଏହି ଦୌଡ଼ରେ ଓ ବିନା ଖାଦ୍ୟପେୟରେ ତା'ର ସବୁ ଶକ୍ତି ଚାଲିଗଲା । ଯେତେବେଳେ ସେ ଫେରି ଗାଁ ଆଡ଼କୁ ଦୌଡ଼ିବା ଆରମ୍ଭ କଲା ତ ତା'ର ଜୀବନ ଚାଲିଯିବା ଉପରେ ଥିଲା । କୌଣସି ମତେ ସେ ଶରୀରକୁ ଘୋଷାରି ଘୋଷାରି ନେଇ ସମାପ୍ତି ରେଖା ଆଡ଼କୁ ଚାଲିଲା, କିନ୍ତୁ ତା' ଆଖି ଆଗରେ ସୂର୍ଯ୍ୟ ଅସ୍ତ ହୋଇଗଲେ ଓ ସେ ନିସ୍ତେଜ ହୋଇ ଭୂମି ଉପରେ ପଡ଼ିଗଲା । ସେହି ସମୟରେ ତା'ର ହାତ ଓ ସମାପ୍ତି ରେଖା ମଧରେ ୬ ଫୁଟର ଦୂରତା ଥିଲା । ସେ ଗ୍ରାମପ୍ରଧାନ ଆଡ଼କୁ ଚାହିଁଲା ଓ କହିଲା- "ଏଇ ଯେଉଁ ୬ ଫୁଟ ବାକି ରହିଗଲା, ସେଇ ଜମିରେ ଆପଣ କ'ଣ କରିବେ ? ସେ ଭାବିଲା ଯେ ଗ୍ରାମପ୍ରଧାନ ବୋଧହୁଏ କିଛି ରିଆତି ଦେବ, କିନ୍ତୁ ପ୍ରଧାନ କହିଲା- "ଏତିକିରେ ଆମେ ତୁମକୁ କବର ଦେବୁ, କାରଣ କବର ପାଇଁ ୬ ଫୁଟ ଜମି ଯଥେଷ୍ଟ । ବାସ୍ ଆମେ ତୁମ ମୃତ୍ୟୁର ପ୍ରତୀକ୍ଷା କରିଛୁ । ଏହିପରି ସମ୍ପଦ, ସମ୍ପତ୍ତି ସଞ୍ଚୟର ଦୌଡ଼ ଶେଷରେ ବ୍ୟକ୍ତିକୁ ମୃତ୍ୟୁ ମୁଖରେ ଆଣି ଛିଡ଼ା କରିଦିଏ ଏବଂ ସେତେବେଳକୁ ବହୁତ ବିଳମ୍ବ ହୋଇଯାଇଥାଏ, କାରଣ ହାତକୁ କିଛି ଆସେ ନାହିଁ, କିନ୍ତୁ ଜୀବନ ସାରା ଅନୀତି-ଅନ୍ୟାୟରେ କରାଯାଇଥିବା କାର୍ଯ୍ୟଗୁଡ଼ିକର ବୋଝ ମୁଣ୍ଡ ଉପରକୁ ଆସିଯାଏ ନିଶ୍ଚୟ । ଆସୁରି ବୃଦ୍ଧିର ମନୁଷ୍ୟ ଏପରି ଭାବରେ ନିଜ ଜୀବନକୁ ହରାଇ ବସନ୍ତି ।

ବର୍ଷ ୨୭, ସଂଖ୍ୟା- ୧୮, ୩୦ ଏପ୍ରିଲ - ୦୬ ମଇ ୨୦୨୩

# ଧର୍ମତନ୍ତ୍ରର ଜାଗରଣ ଜରୁରୀ

**ଆ**ଜି ସମାଜର ଯେଉଁ ବ୍ୟବସ୍ଥା ଆମକୁ ଦେଖାଯାଉଛି, ତାହାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଘଟକ ରହିଛି । ଗୋଟିଏର ନାମ-ବ୍ୟକ୍ତି ଓ ଅନ୍ୟଟିର ନାମ- ସମାଜ । ସମାଜ ଠିକ୍ ଦିଶାରେ ଚାଲୁ, ତାହାର ଉନ୍ନତି-ପ୍ରଗତି ହେଉ, ସେଥିରେ ଅପରାଧିକ ବୃତ୍ତି ଉତ୍ପନ୍ନ ନ ହେଉ, ଅର୍ଥ ବ୍ୟବସ୍ଥା ସୁଦୃଢ଼ ରହୁ, ସୁରକ୍ଷା ମଜଭୁତ ହେଉ, ଦେଶ-ସମାଜ ସୁରକ୍ଷିତ ହେଉ, ସମସ୍ତ ନାଗରିକ ସୁଖୀ ହୁଅନ୍ତୁ, ସନ୍ତୁଷ୍ଟ ହୁଅନ୍ତୁ- ଏହା ସୁନିଶ୍ଚିତ କରିବା କାର୍ଯ୍ୟ ରାଜତନ୍ତ୍ରର ଏବଂ ବ୍ୟକ୍ତି ଠିକ୍ ଦିଶାରେ ଚାଲୁ, ତା'ର ଜୀବନ ନ୍ୟାୟ, ନୀତି, ସଦାଚାରରେ ଓତପ୍ରୋତ ରହୁ, ତା'ର ବ୍ୟକ୍ତିତ୍ୱରେ ସଦ୍‌ଭାବନା, ସଦ୍‌ଗୁଣ, ସତ୍କର୍ମ ରହୁ, ଏହି ଦାୟିତ୍ୱ ଧର୍ମତନ୍ତ୍ରର ହୋଇଥାଏ ।

ଅନ୍ୟ ଶବ୍ଦରେ କହିଲେ ବ୍ୟକ୍ତିତ୍ୱକୁ ବିକଶିତ, ପରିଷ୍କୃତ, ପରିମାର୍ଜିତ ଏବଂ ପରିଶୋଧ କରିବାର ଦାୟିତ୍ୱ ଧର୍ମ, ଆସ୍ଥା, ସଂସ୍କୃତି ଓ ଅଧ୍ୟାତ୍ମର ତଥା ଅନ୍ୟ ପକ୍ଷରେ ସାମାଜିକ ବିକାଶର ଦାୟିତ୍ୱ ସରକାର, ପ୍ରଶାସନ, ରାଜନୀତିକ ନେତୃତ୍ୱ ଓ ରାଜତନ୍ତ୍ରର । ଭୌତିକ କ୍ଷେତ୍ର, ବାହ୍ୟ କ୍ଷେତ୍ର ରାଜନୀତିର ତ ଆନ୍ତରିକ ପ୍ରଗତି, ଆର୍ଥିକ ବିକାଶ ଧର୍ମର କ୍ଷେତ୍ର ଅଟେ ।

ରାଜତନ୍ତ୍ର ଓ ଧର୍ମତନ୍ତ୍ର ପରସ୍ପରର ବିରୋଧୀ ବୋଲି ଏକ ଚିନ୍ତନର ପ୍ରଚଳନ ଚାଲିଛି ; ଯେତେବେଳେ କି ଭାରତୀୟ ଚିନ୍ତନରେ ଏକଥା ବର୍ଷ ବର୍ଷ ଧରି ବଡ଼ ଗଭୀର ଭାବର ସହିତ ବିଦ୍ୟମାନ ଥିଲା ଯେ ଏ ଦୁଇଟିର କାର୍ଯ୍ୟ ପରସ୍ପରର ବିରୋଧ କରିବା ନୁହେଁ, ବରଂ ପରସ୍ପରକୁ ଦୃଢ଼ତା ପ୍ରଦାନ କରିବା । ଏ ଦୁଇଟି ପ୍ରକୃତ ଅର୍ଥରେ ପରସ୍ପରର ପୂରକ ଏବଂ ଯେପର୍ଯ୍ୟନ୍ତ ଏମାନେ ପ୍ରକୃତ ଅର୍ଥରେ ପରସ୍ପରର ପୂରକ ଥିଲେ, ସେପର୍ଯ୍ୟନ୍ତ ଭାରତୀୟ ସଂସ୍କୃତି ଉନ୍ନତି ର ସୋପାନରେ ଅଗ୍ରସର ହୋଇ ଚାଲିଥିଲା ।

ଏ ଦୁଇଟି ଧାରା ମଧ୍ୟରେ ଯଦି ପରସ୍ପର ସହଯୋଗ, ସାମଞ୍ଜସ୍ୟର ଭାବ ନଥାନ୍ତା ତାହେଲେ କ'ଣ ଚନ୍ଦ୍ରଗୁପ୍ତ, ଚାଣକ୍ୟ ଏତେ ବଡ଼ ରାଜ୍ୟର ନେତୃତ୍ୱ କରି ପାରିବା ସ୍ଥିତିରେ ଥାଆନ୍ତେ ? ଶିବାଜି କ'ଣ ସମର୍ଥଗୁରୁ ରାମଦାସଙ୍କ ବିନା ଛତ୍ରପତି ହୋଇପାରି ଥାଆନ୍ତେ ? ରଘୁ କୁଳ କ'ଣ ମହର୍ଷି ବଶିଷ୍ଠଙ୍କ ବିନା ଗୌରବାନ୍ୱିତ ହୋଇପାରି ଥାଆନ୍ତା ? ଯେପର୍ଯ୍ୟନ୍ତ ଧର୍ମତନ୍ତ୍ର ତଥା ରାଜତନ୍ତ୍ର ଦୁହେଁ ପରସ୍ପରର ପୂରକ ହୋଇ ରହିଲେ, ସେ ପର୍ଯ୍ୟନ୍ତ ଏ ଦେଶରେ ରନ୍ତିଦେବ, ଦିଲୀପ, ରଘୁ, ବିକ୍ରମାଦିତ୍ୟଙ୍କ ପରି ରାଜା ରାଜପଦ ପ୍ରାପ୍ତ କରୁଥିଲେ ଏବଂ ଏ ଦେଶ ସାରା ବିଶ୍ୱକୁ କଲ୍ୟାଣର ପଥ ପ୍ରଦର୍ଶନ କରୁଥିଲା । ଆଜି କେଉଁଠି ଏପରି ହେବାର ଦେଖାଯାଉ ନାହିଁ ; କାରଣ ଏ ଦୁଇ ତନ୍ତ୍ର ଏକ ପ୍ରକାରେ ନିଜର ଗୌରବ–ଗରିମାକୁ ପ୍ରାୟ ଭୁଲି ସାରିଛନ୍ତି । ଯଦି ଗାଡ଼ିର ଦୁଇଟି ଚକ ଥାଏ ଓ ଦୁଇଟି ଯାକ ଅଲଗା ଅଲଗା ଦିଶାରେ ଚାଲେ ତ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେବା ସୁନିଶ୍ଚିତ ହୋଇଯାଏ । ଏହା ସୃଷ୍ଟିର ଆଦି କାଳ ଚାଲି ଆସୁଥିବା ବ୍ୟବସ୍ଥା ଅଟେ, ଏହା ଅନୁସାରେ ଯାହା ପାଇଁ ଯେଉଁ ପଥ ଦେଖାଯାଇଛି, ଯଦି ସେ ତାହା ଠିକ୍‌ରେ ପାଳନ କରିବ ତେବେ କେଉଁଠି କୌଣସି ପ୍ରକାର ସମସ୍ୟାର ସମ୍ଭାବନା ରହିବ ନାହିଁ ।

ଯଦି ଆମେ ଭାରତବର୍ଷର ଇତିହାସ ଉଠାଇ ଦେଖିବା ତ ଏଠାରେ ବର୍ଷ ବର୍ଷ ଧରି ସାମାଜିକ ବିକାଶ ଓ ବ୍ୟକ୍ତିଗତ ଉତ୍କର୍ଷ, ସମାଜର ଉନ୍ନତି ଓ ବ୍ୟକ୍ତିର ପ୍ରଗତି ଏକାଠି ଚାଲିଥିବାର ପାଇବା । କାରଣ ଧର୍ମତନ୍ତ୍ରର ଋଷିମାନେ ନିଜର ଭୂମିକା ନିର୍ବାହ କରିଥିଲେ ଓ ରାଜତନ୍ତ୍ର ମଧ୍ୟ ନିଜର ଭୂମିକା ସମ୍ପାଦନ କରିଥିଲା । ଭାରତର ଇତିହାସରେ ଆମକୁ ଏପରି ଅନେକ ରାଜାଙ୍କର ନାମ ମିଳିଯିବ, ଯେଉଁମାନଙ୍କ ହୃଦୟ ଆସ୍ଥାରେ ଓତପ୍ରୋତ ଥିଲା, ଯେଉଁମାନଙ୍କ ଜୀବନ ଧର୍ମର ପ୍ରତିମୂର୍ତ୍ତି ଥିଲା ଓ ଯେଉଁମାନେ ପୂର୍ଣ୍ଣ ସଜୋଟତାର ସହିତ ନିଜର କର୍ତ୍ତବ୍ୟ ପାଳନ କରିଥିଲେ । ଏହା ସେହି ସମୟର କଥା, ଯେତେବେଳେ ଧର୍ମତନ୍ତ୍ର ଓ ରାଜତନ୍ତ୍ର ପରସ୍ପରର ପୂରକ ଥିଲେ । ଏହା ସ୍ପଷ୍ଟ ଥିଲା ଯେ ଧର୍ମର କାର୍ଯ୍ୟ କରିବାରେ ଯେବେ କୌଣସି ବାଧା ଉପୁଜିବ ତ ତାହାକୁ ଦୂର କରିବା ପାଇଁ ରାଜତନ୍ତ୍ର ଆଗକୁ ଆସିବ ଏବଂ ଯଦି ରାଜା, ରାଜପଦର ଗରିମାକୁ ଭୁଲି ଯାଉଥିବାର ଦେଖାଯିବ ତ ସେ ଉପରେ ନିୟନ୍ତ୍ରଣ ସ୍ଥାପନ କରିବା କାର୍ଯ୍ୟ ଧର୍ମତନ୍ତ୍ରର ହେବ । ଯେତେବେଳେ ଋଷିମାନଙ୍କ ଯଜ୍ଞରେ ରାକ୍ଷସମାନେ ବିଘ୍ନ ଉତ୍ପନ୍ନ କରିବାର କାର୍ଯ୍ୟ କରୁଥିଲେ ତ ରଘୁକୁଳ ନନ୍ଦନ ରାମ ସେଠାରେ ରକ୍ଷା କରିବା ପାଇଁ ଆସି ଠିଆ ହୋଇଗଲେ ଏବଂ ଯେତେବେଳେ ଚନ୍ଦ୍ରଗୁପ୍ତ ପଥଭ୍ରଷ୍ଟ ହେବାର ଦେଖାଗଲେ ତ ତାଙ୍କୁ ସମ୍ଭାଳିବା ପାଇଁ ଚାଣକ୍ୟ ତତ୍ପର ଥିଲେ । ଆଜିର ପରିସ୍ଥିତି ଭିନ୍ନ– ଉଭୟ ସ୍ଥାନରେ, ଉଭୟ କ୍ଷେତ୍ରରେ ଦିଶା ଓ ନେତୃତ୍ୱର ସ୍ପଷ୍ଟ ଅଭାବ ଦେଖାଯାଉଛି ।

ଯଦି ଭାରତବର୍ଷକୁ ପୁନଶ୍ଚ ଗୌରବର ଶିଖରରେ ସଂସ୍କୃତିର ଧ୍ୱଜା ଆରୋହଣ କରିବାର ଅଛି ତେବେ ଆମକୁ ଧର୍ମତନ୍ତ୍ରକୁ ପରିଷ୍କାର ଏବଂ ରାଜତନ୍ତ୍ରକୁ ପାରଦର୍ଶୀ କରିବାକୁ ହେବ । ଧର୍ମତନ୍ତ୍ର ଯଦି ଜାଗ୍ରତ ହୋଇଯାଏ ତେବେ ଦେଶ, ରାଷ୍ଟ୍ର, ସମାଜ, ମାନବତା, ଧର୍ମ- ସବୁର ଦିଶା ନିର୍ଦ୍ଧାରିତ ଓ ନିୟନ୍ତ୍ରିତ ହୋଇଯିବ । ଧର୍ମତନ୍ତ୍ରର ଜାଗରଣ ହେତୁ ସେହି ବ୍ୟକ୍ତିମାନଙ୍କ ଜାଗରଣ ମଧ୍ୟ ଆବଶ୍ୟକ, ଯେଉଁମାନଙ୍କ ଅନ୍ତରଙ୍ଗରେ ଧର୍ମ, ଅଧ୍ୟାତ୍ମର ମୂଳ ସିଦ୍ଧାନ୍ତ ନିବାସ କରିଥାଏ । ଧର୍ମର ମୂଳ ସିଦ୍ଧାନ୍ତ ହେଉଛି – ମାନବତା, ଦୟା, କରୁଣା । ଧର୍ମ ସେହି ସିଦ୍ଧାନ୍ତ ଅଟେ, ଯାହା ଅନୁସାରେ ଦୁଃଖୀର ଦୁଃଖ ଦୂର ହୋଇଥାଏ ଏବଂ ପତିତ ବ୍ୟକ୍ତି ମଧ୍ୟ ସଠିକ ମାର୍ଗକୁ ଆସିଯାଏ ।

ଆଜି ଭାରତ ପୂରା ବିଶ୍ୱକୁ ଦିଶା ଦେବାର ନିଜର ଭବିତବ୍ୟତାକୁ ସତ୍ୟ ପ୍ରମାଣିତ କରିବାକୁ ହେଲେ ଏଭଳି ଧର୍ମ ଭାବନାରେ ଓତପ୍ରୋତ ବ୍ୟକ୍ତିମାନଙ୍କୁ ଜାଗ୍ରତ ହେବାକୁ ପଡ଼ିବ । ଏହି ଧର୍ମତନ୍ତ୍ରର ଜାଗରଣ ଦ୍ୱାରା ହିଁ ଭାରତୀୟ ସଂସ୍କୃତିର ଜାଗରଣ ସମ୍ଭବ ଏବଂ ଭାରତୀୟ ସଂସ୍କୃତିର ଜାଗରଣ ହିଁ ଦୈବୀ ଚେତନାରେ ଅଭିପୂରିତ ବ୍ୟକ୍ତିମାନଙ୍କ ଜାଗରଣ ସମ୍ଭବ କରି ପାରିବ । ଏହାକୁ ବର୍ତ୍ତମାନ ସମୟର ଏକ ମହତ୍ତ୍ୱପୂର୍ଣ୍ଣ ଆବଶ୍ୟକତା କୁହାଯାଇପାରେ ।



# ବାସ୍ତବ ସ୍ୱପ୍ନଦର୍ଶୀ

## ମହାତ୍ମା ଗାନ୍ଧୀ

**ପ**ରମେଶ୍ୱର ଏକ ଏବଂ ଅଦ୍ୱିତୀୟ, ଏଥରେ ମୋର ଦୃଢ଼ ବିଶ୍ୱାସ ରହିଛି ଏବଂ ତେଣୁ ମୁଁ ସମଗ୍ର ମାନବଜାତି ମଧ୍ୟ ଏକ ଏବଂ ଅବିଭାଜ୍ୟ ବୋଲି ବିଶ୍ୱାସ କରୁଛି । ଆମ ସମସ୍ତଙ୍କର ଅଲଗା ଅଲଗା ଶରୀର ରହିଛି ବୋଲି କ'ଣ ହୋଇଗଲା ? ଆମ ସମସ୍ତଙ୍କର ଆତ୍ମା କେବଳ ଗୋଟିଏ । ଅପବର୍ତ୍ତନର ବିଧାନ ଦ୍ୱାରା ସୂର୍ଯ୍ୟର ରଶ୍ମିଗୁଡ଼ିକ ବହୁସଂଖ୍ୟକ ହୋଇ ରହିଛି । ମାତ୍ର ସେମାନଙ୍କର ଉତ୍ସ କେବଳ ଗୋଟିଏ । ତେଣୁ, ମୁଁ ଜଣେ ଦୁଷ୍ଟତମ ବ୍ୟକ୍ତିଠାରୁ ମଧ୍ୟ ଆପଣାକୁ ଅସଂଲଗ୍ନ କରି ରଖିପାରିବି ନାହିଁ (ଏବଂ, ସେହି କାରଣରୁ ସବୁଠାରୁ ଅଧିକ ଗୁଣସଂପନ୍ନ ବ୍ୟକ୍ତି ସହିତ ଅପାଣାକୁ ଏକାତ୍ମ୍ କରି ରଖିବାରୁ ମୋତେ କେହି ବଞ୍ଚିତ କରି ପାରିବ ନାହିଁ) । ତେଣୁ, ମୋ'ର ଇଚ୍ଛା ଥାଉ ବା ନଥାଉ, ମୋତେ ନିଜର ପ୍ରୟୋଗଟିରେ ସମଗ୍ର ମାନବସମୂହକୁ ଅବଶ୍ୟ ସଂଶ୍ଳିଷ୍ଟ କରି ରଖିବାକୁ ପଡ଼ିବ ଏବଂ, ପ୍ରୟୋଗ ନକରି ମଧ୍ୟ ଅନ୍ୟ ଉପାୟ ନାହିଁ । ପ୍ରୟୋଗ ପରେ ପ୍ରୟୋଗର ଏକ ଅସରନ୍ତି ଅନୁକ୍ରମିକତା, ତାହା ହିଁ ହେଉଛି ଜୀବନ ।

ମୋ' ଭୁଲଗୁଡ଼ିକ ସହିତ ହିଁ ମୋ'ର ବିଚାର କରାଯିବା ଉଚିତ । ମୁଁ ହେଉଛି ସତ୍ୟ ପଥରେ ଜଣେ ଅନ୍ୱେଷଣକାରୀ । ଉତ୍ତମରୁ ଅହୁରି ଅଧିକ ଉତ୍ତମଭାବରେ ସୁପ୍ରସ୍ତୁତ ହିମାଳୟ ଆରୋହଣର ଅଭିଯାନ ଗୁଡ଼ିକ ଠାରୁ ମୋ'ର ପ୍ରୟୋଗଗୁଡ଼ିକୁ ମୁଁ ଅନନ୍ତ ଗୁଣ ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ବିଚାର କରେ ।

ପୃଥିବୀକୁ ବିସ୍ମିତ କରିଦେବା ହିଁ ମୋ'ର ଦୁର୍ଭାଗ୍ୟ ଅଥବା ସୌଭାଗ୍ୟ ହୋଇଆସିଛି । ନୂଆ ନୂଆ ପ୍ରୟୋଗ, ଅଥବା ଏକ ନୂତନ ଶୈଳୀରେ ପୁରୁଣା ପ୍ରୟୋଗଗୁଡ଼ିକ ଯେ ବେଳେବେଳେ ଭୁଲ ବୁଝାମଣା ଅବଶ୍ୟ ଜାତ କରାଇବ, ସେଥିରେ କୌଣସି ସନ୍ଦେହ ନାହିଁ । ମୁଁ ପ୍ରକୃତରେ ଜଣେ ବାସ୍ତବ ସ୍ୱପ୍ନଦର୍ଶୀ । ମୋ'ର ସ୍ୱପ୍ନଗୁଡ଼ିକୁ କଦାପି ଶୂନ୍ୟଗର୍ଭ ବା ଆଦୌ କିଛି ନୁହେଁ ବୋଲି କହି ହେବନାହିଁ । ମୋ'ର ସ୍ୱପ୍ନଗୁଡ଼ିକୁ ମୁଁ ଯଥାସମ୍ଭବ ସତ୍ୟରେ ପରିଣତ କରିବାକୁ ଇଚ୍ଛା କରୁଛି ।

ଯଦି ଆଧ୍ୟାତ୍ମିକ ବୋଲି ଦାବି କରାଯାଉଥିବା ମୋ'ର କାର୍ଯ୍ୟ ଅବାସ୍ତବ ବୋଲି ପ୍ରମାଣିତ ହୁଏ, ତେବେ ତାହାକୁ ଏକ ବିଫଳତା ବୋଲି ଘୋଷଣା କରିଦେବା ଉଚିତ । ସର୍ବାଧିକ ମାନଦଣ୍ଡରୁ ଅଧ୍ୟାତ୍ମିକ ବୋଲି କୁହାଯାଉଥିବା ଗୋଟିଏ କାର୍ଯ୍ୟକୁ ଶବ୍ଦଟିର ଯଥାର୍ଥ ଅର୍ଥରେ ସବୁଠାରୁ ଅଧିକ ବାସ୍ତବ ବୋଲି କୁହାଯିବା ଉଚିତ ବୋଲି ମୋ'ର ଦୃଢ଼ ବିଶ୍ୱାସ ।

ମୋ' ଚକ୍ଷୁରେ ମୁଁ ଜଣେ ସାଧାରଣ ବ୍ୟକ୍ତି ଯିଏକି ଅନ୍ୟ ଯେକୌଣସି ମନୁଷ୍ୟ ପରି ଭୁଲ କରିବାର ପ୍ରମାଦରେଖା ଭିତରେ ଅବଶ୍ୟ ରହିଥାଏ । ଅବଶ୍ୟ ଏକଥା ସତ ଯେ, ମୋ'ର ନିଜ ଭୁଲଗୁଡ଼ିକୁ ସ୍ୱୀକାର କରି ପଛକୁ ହଟିଯିବା ନିମନ୍ତେ ମୋ' ଭିତରେ ଯଥେଷ୍ଟ ବିନମ୍ରତା ମହଜୁଦ ରହିଥାଏ । ମୁଁ ସ୍ୱୀକାର କରୁଛି ଯେ, ପରମେଶ୍ୱର ଏବଂ ତାଙ୍କର ସତ୍‌ଇଚ୍ଛା ଉପରେ ମୋ'ର ଅଟଳ ବିଶ୍ୱାସ ରହିଛି । ସତ୍ୟ ତଥା ପ୍ରେମ ଲାଗି ଏକ ଅପ୍ରତିହତ ଅନୁରାଗ ମଧ୍ୟ ରହିଛି । ମାତ୍ର, ଏହିଗୁଡ଼ିକ ହିଁ କ'ଣ ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ଅନ୍ତର୍ନିହିତ ହୋଇ ରହିନାହିଁ କି ?

କେବଳ ଉପର ସ୍ତରରେ ହେଲେ ମଧ୍ୟ ଯେଉଁମାନେ ମୋର ସାମାନ୍ୟ ଜୀବନପଥଟିକୁ କିଞ୍ଚିତ୍ ପରିମାଣରେ ଅନୁସରଣ କରି ଦେଖିଛନ୍ତି, ସେମାନେ ଏହି କଥାକୁ ଅବଶ୍ୟ ନିରୀକ୍ଷଣ କରିଥିବେ ଯେ, ମୁଁ ମୋ' ଜୀବନରେ ଏପରି ଗୋଟିଏ ମଧ୍ୟ କିଛି କାର୍ଯ୍ୟ କରିନାହିଁ, ଯାହାକି ଅନ୍ୟ କୌଣସି ବ୍ୟକ୍ତି ଅଥବା ଜାତିର କ୍ଷତିସାଧନ କରିବାର ଅଭିପ୍ରାୟରେ କରାହୋଇଛି ।... ମୁଁ କୌଣସି ଭୁଲ କଦାପି କରେ ନାହିଁ ବୋଲି କଦାପି ଦାବି କରୁନାହିଁ । ମୁଁ ହିମାଳୟ ପରି କେତେ କେତେ ଭୁଲ କରିଛି ଏବଂ ସେଗୁଡ଼ିକ ବିଷୟରେ ସର୍ବଦା ସଚେତନ ରହଛି । ମାତ୍ର ସେହି ଭୁଲଗୁଡ଼ିକୁ ମୁଁ ଜାଣିଶୁଣି କରିଛି ଅଥବା କୌଣସି ବ୍ୟକ୍ତି କିମ୍ବା ଜାତିପ୍ରତି ଅଥବା ମାନବିକ ବା ଅମାନବିକ କୌଣସି ଜୀବନ ପ୍ରତି କୌଣସି ଶତ୍ରୁତା ଭାବ ପୋଷଣ କରି ତାହା କେବେ କରିଛି ବୋଲି ମୁଁ ଆଦୌ ସ୍ମରଣ କରି ପାରୁନାହିଁ ।

ମୋ'ର ଅନେକ ଅନେକ ପାପକୁ ମୁଁ କୌଣସି କୁଣ୍ଠା ଆଦୌ ନରଖି ସ୍ୱୀକାର କରିଛି । ମାତ୍ର, ସେହି ପାପଗୁଡ଼ିକର ବୋଝକୁ ମୁଁ ଆଦୌ ମୋ' କାନ୍ଧ ଉପରେ ବହନ କରୁନାହିଁ । ଯଦି ମୁଁ, ନିଜେ ଯେପରି ପ୍ରକୃତରେ ଅନୁଭବ କରିପାରୁଛି, ଭଗବାନଙ୍କ ଆଡକୁ ଗତି କରିବାରେ ଲାଗିଥାଏ, ତେବେ ମୋ' ବିଷୟରେ ଆଶଙ୍କା କରିବାର ଆଦୌ କିଛି ନାହିଁ । କାରଣ ମୁଁ ତାଙ୍କର ସେହି ପରମ ଉପସ୍ଥିତିର ଉଷ୍ମତାକୁ ଅନୁଭବ କରିପାରୁଛି । ମୋ'ର ତପଶ୍ଚର୍ଯ୍ୟା, ମୋ' ଉପବାସ ଏବଂ ପ୍ରାର୍ଥନାଗୁଡ଼ିକର, ଯଦି ଅପଣାକୁ ସଂଶୋଧନ କରିବା ନିମନ୍ତେ ମୁଁ ସେଗୁଡ଼ିକ ଉପରେ ଅସ୍ଥା ରଖୁଥାଏ, ତେବେ ସେଗୁଡ଼ିକର କୌଣସି ମୂଲ୍ୟ ଆଦୌ ନାହିଁ ବୋଲି ମୋତେ ଜଣାଅଛି । ମାତ୍ର, ମୁଁ ଯେପରି ଅବଶ୍ୟ ଅଶା କରୁଛି, ଯଦି ସେଗୁଡ଼ିକ ଗୋଟିଏ ମନୁଷ୍ୟାତ୍ମା ତା'ର ପରମ ନିର୍ମାତାଙ୍କର କ୍ରୋଡ଼ରେ ତା'ର କ୍ଳାନ୍ତ ମସ୍ତକକୁ ନେଇ ରଖୁପାରିବାର ଏକ ପ୍ରୟାସକୁ ହିଁ ପ୍ରତିଧ୍ୱନିତ କରୁଥାଏ, ତେବେ ସେଗୁଡ଼ିକର ଏକ କଳନାତୀତ ମୂଲ୍ୟ ନିଶ୍ଚୟ ରହିଛି ।

ଯେତେବେଳେ ମୁଁ ଭୁଲ କରୁଥିବା କୌଣସି ମନୁଷ୍ୟର ସମ୍ପର୍କରେ ଆସେ, ସେତେବେଳେ ମୁଁ ନିଜେ ମଧ୍ୟ ଭୁଲ କରିଛି ବୋଲି ନିଜ ପାଖରେ କହିଥାଏ ; ଯେତେବେଳେ କୌଣସି କାମଲାଳସାଯୁକ୍ତ ମନୁଷ୍ୟର ସମ୍ପର୍କରେ ଆସେ, ସେତେବେଳେ ମୁଁ ମଧ୍ୟ ଏକଦା ଏହିପରି ଥିଲି ବୋଲି ନିଜକୁ କହିଥାଏ । ଏହିପରିଭାବରେ ପୃଥିବୀର ପ୍ରତ୍ୟେକ ବ୍ୟକ୍ତିଙ୍କ ସହିତ ମୁଁ ମୋ'ର ଏକ ସଗୋତ୍ରତା ରହିଥିବାର ଅନୁଭବ କରିଥାଏ ଏବଂ, ଆମ ଭିତରୁ ଦୀନତମ ବ୍ୟକ୍ତିଟିର ଦୀନତା ଦୂର ନହେବା ପର୍ଯ୍ୟନ୍ତ ମୁଁ ମଧ୍ୟ କଦାପି ସୁଖୀ ହୋଇ ପାରିବିନାହିଁ ବୋଲି ଅନୁଭବ କରେ ।

ଯଦି ମୁଁ କୌଣସି ବ୍ୟକ୍ତିକୁ ତା'ର ଯୋଗ୍ୟ ସ୍ୱୀକୃତି ଦେବାରେ ଅସମର୍ଥ ହେଉଥାଏ, ତେବେ ମୋ'ର ଭଗବାନଙ୍କ ପାଖରେ ଏବଂ ମୋର ସୃଷ୍ଟିକର୍ତ୍ତାଙ୍କ ପାଖରେ ମୋତେ ଅବଶ୍ୟ ତା'ର ଜବାବ ଦେବାକୁ ପଡ଼ିବ । କିନ୍ତୁ ମୋ'ର ଏ ବିଷୟରେ ମଧ୍ୟ କୌଣସି ସନ୍ଦେହ ଆଦୌ ନାହିଁ ଯେ, ଜଣେ ମନୁଷ୍ୟର ପ୍ରକୃତରେ ଯେତିକି ସ୍ୱୀକୃତି ପାଇବା ଉଚିତ, ଯଦି ମୁଁ ତାକୁ ତାହାଠାରୁ ଅଧିକ ସ୍ୱୀକୃତି ଦେଇଥାଏ, ସେକଥା ଜାଣିଲେ ଭଗବାନ ମୋତେ ଅବଶ୍ୟ ଆଶୀର୍ବାଦ କରିବେ ।

ମୁଁ ଯେଉଁ ମନୁଷ୍ୟ ଜାତିର ଅନ୍ତର୍ଗତ, ତା' ଭିତରେ ରହିଥିବା ନାନା ଅପୂର୍ଣ୍ଣତା ବିଷୟରେ ମୁଁ ଏତେ ବେଶୀ ସଚେତନ ଯେ, କୌଣସି ମନୁଷ୍ୟର ଅପୂର୍ଣ୍ଣତା ବିଷୟରେ ମୁଁ କେବେହେଲେ କୌଣସି ବିରକ୍ତି ପ୍ରକାଶ କରେନାହିଁ । ମୁଁ ଯେଉଁଠାରେ ଭୁଲ ଦେଖିବି, ସେଠାରେ ତାହାର ସମ୍ମୁଖୀନ ହେବି, ମାତ୍ର ଭୁଲ କରିଥିବା ମନୁଷ୍ୟଟି ଉପରେ କୌଣସି ଆଘାତ ପହଞ୍ଚାଇବି ନାହିଁ । ପ୍ରତିକାରରୂପେ ମୁଁ ସେହି ଉପାୟଟିକୁ ହିଁ ଗ୍ରହଣ କରିଥାଏ । କାରଣ, ମୁଁ ମଧ୍ୟ ବରାବର ଯେଉଁ ଭୁଲଗୁଡ଼ିକୁ କରିବାରେ ଲାଗିଛି, ସେଥିଲାଗି ମୁଁ କାହାଠାରୁ କୌଣସି ଆଘାତ ପାଏ ବୋଲି କଦାପି ଇଚ୍ଛା କରେ ନାହିଁ ।

ସତ୍ୟପ୍ରତି ସକଳ ନିଷ୍ଠା ରଖି ମୁଁ ଏକଥା କହି ପାରିବି ଯେ, ମୋ' ସହ ମନୁଷ୍ୟମାନଙ୍କର ଦୋଷଗୁଡ଼ିକୁ ଖୁଣ୍ଟି ବାହାର କରିବାରେ ମୁଁ ସର୍ବଦା ମନ୍ଥର ରହିଥାଏ ; କାରଣ ମୋ ନିଜ ଭିତରେ ତ ଦୋଷ ପୂର୍ଣ୍ଣ ହୋଇ ରହିଛି ଏବଂ ତେଣୁ ମୁଁ ସେମାନଙ୍କଠାରୁ ମଧ୍ୟ ଉଦାରତାର ଅପେକ୍ଷା ରଖିଥାଏ । କାହାରି ବିଷୟରେ କଠୋରଭାବରେ ବିଚାର ନ କରିବା ଏବଂ, ଯେଉଁସବୁ ଦୋଷ ମୋ' ଆଖିରେ ଆସି ପଡନ୍ତି, ସେଗୁଡ଼ିକ ପ୍ରତି ଧ୍ୟାନ ନଦେବା, ମୁଁ ତାହା ଶିକ୍ଷା କରିଛି ।

# ଭାଇରାଲ ସଂକ୍ରମଣରୁ ରକ୍ଷା କରେ ଅଙ୍ଗୁର

ଅଙ୍ଗୁରରେ ଅନେକ ପ୍ରକାର ସ୍ୱାସ୍ଥ୍ୟପକାରୀ ଗୁଣ ଭରି ରହିଛି । ଏହା ହେଉଛି ଭିଟାମିନ୍ 'ସି'ର ଅନ୍ୟତମ ଉତ୍ସ । ଏହାକୁ ନିୟମିତ ଖାଇଲେ ତାହା ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ ରଖିଥାଏ । ଅନ୍ୟପକ୍ଷରେ ଏହା ମଧ୍ୟ ଶରୀରକୁ ଭାଇରାଲ ସଂକ୍ରମଣରୁ କେତେକାଂଶରେ ରକ୍ଷା କରିଥାଏ । କାଲିଫର୍ନିଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ଏକ ଗବେଷଣାରୁ ଜାଣିବାକୁ ମିଳିଛି ଯେ, ଅଙ୍ଗୁର ଖାଇଲେ ଜଣେ ବ୍ୟକ୍ତି ନିଜକୁ କେତେକାଂଶରେ କ୍ୟାନ୍ସରଠାରୁ ଦୂରେଇ ରଖିପାରିବ । ଏଥିରେ ସୋଡିୟମ୍ ଅପେକ୍ଷା ପଟାସିୟମ୍ ମାତ୍ରା ଅଧିକ ରହିଛି । ତେଣୁ ଏହା ଶରୀରରେ ବ୍ଲଡ଼ ପ୍ରେସର ପରିମାଣକୁ ସନ୍ତୁଳିତ ରଖେ । ଅଙ୍ଗୁରରେ ଫାଇବର୍ ତତ୍ତ୍ୱ ମଧ୍ୟ ରହିଛି, ଯାହା କୋଲେଷ୍ଟରଲ୍‌କୁ ନିୟନ୍ତ୍ରଣରେ ରଖିଥାଏ । ଏଥିରେ ଭିଟାମିନ୍ କେ, କ୍ୟାଲସିୟମ୍, ପୋଟାସିୟମ୍ ଓ ମ୍ୟାଗ୍ନେସିୟମ୍ ଥିବାରୁ ଏହା ଅସ୍ଥି ଓ ମଜ୍ଜାକୁ ଶକ୍ତ ରଖିଥାଏ ।



# ସ୍ୱର୍ବେଦ

**ତୃତୀୟ ମଣ୍ଡଳ- ପ୍ରଥମ ଅଧ୍ୟାୟ**

**ଉତ୍ତମ ଜୀଓ୍ୱନ ଜାନିୟେ,**
**ସଦ୍‌ଗୁରୁ କର ଆଦେଶ ।**
**କାଲ ରୂପ ସ୍ୱାଧୀନତା, ନିୟମ**
**ଅମୃତ ଉପଦେଶ ।।୦୧।।**

ଭାଷ୍ୟ - ସଦ୍‌ଗୁରୁଙ୍କ ଆଦେଶ ଓ ନିୟମରେ ରହି, ତାଙ୍କର ଅମୃତ ଉପଦେଶ ଅନୁସାରେ ପରିଚାଳିତ ହେବା ସର୍ବୋତ୍ତମ ଜୀବନ ଅଟେ । ତାଙ୍କର ନିୟମ ଓ ଆଜ୍ଞା ବିରୁଦ୍ଧରେ ଯିବା ଅବା କାଳାତିପାତ କରିବା ଅଧୋପତନର କାରଣ ଅଟେ ।

**ମନମୁଖୀ ଜିଓ୍ୱ ସୁଖ ନା ମିଲେ,**
**ମନ ଅରି ରହ ନିତ ସାଥ ।**
**ଜଗ ଜୀଓ୍ୱନ ଭରମାଓ୍ୱତା,**
**ସଦ୍‌ଗୁରୁ ଶରଣ ସନାଥ ।।୦୨।।**

ଭାଷ୍ୟ - ମନ ଜୀବର ପରମ ଶତ୍ରୁ ଅଟେ । ତାହା ଅନେକ ଜନ୍ମରୁ ଜୀବ ସହିତ ସଂଶ୍ଳିଷ୍ଟ ହୋଇ ରହିଛି । ମନର ନାନା ପ୍ରକାର ଆଶା ଏବଂ ବାସନାରେ ଜୀବ ବାନ୍ଧି ହୋଇ ରହିଛି । ଯେତେବେଳ ପର୍ଯ୍ୟନ୍ତ ଜୀବ ମନର ପ୍ରପଞ୍ଚାଦିରୁ ଅଲଗା ନ ହୋଇଛି ସେତେବେଳ ପର୍ଯ୍ୟନ୍ତ ତାକୁ ଶାନ୍ତି ପ୍ରାପ୍ତି ହେବ ନାହିଁ । ମନର ଅଧୀନରେ ରହି ପରିଚାଳିତ ହେଉଥିବାରୁ ଜୀବକୁ ସୁଖ କଦାପି ସୁଖି ପ୍ରାପ୍ତି ହୁଏ ନାହିଁ । ମନ ଜୀବକୁ ସର୍ବଦା ନିଜ ଅଧୀନରେ ରଖି ତାକୁ ନାନା ପ୍ରକାରର ଦୃଶ୍ୟ ଆଡ଼କୁ ନେଇଯାଏ ଓ ଆତ୍ମାକୁ ଦୁଃଖୀ କରିଥାଏ । ସେଥିପାଇଁ ମନକୁ ପରିତ୍ୟାଗ ପୂର୍ବକ ସଦ୍‌ଗୁରୁଙ୍କର ଶରଣରେ ରହି ଆତ୍ମା ଅନୁକୂଳ ଆଧ୍ୟାତ୍ମିକ ଜୀବନ ନିର୍ମାଣ କରି ସୁଖ ଏବଂ ଶାନ୍ତି ଲାଭ କରିବା ଉଚିତ ।

**ମୃତ୍ୟୁ ଆପ ଦେଖତ ମରେ, ଐସା**
**ମରଣ ସୋହାୟ ।**
**ମରଣ ଜୀଓ୍ୱନ ସ୍ୱାଧୀନତା, ତବ**
**ଯୋଗୀ ପଦ ପାୟ ।।୦୩।।**

ଭାଷ୍ୟ - ଯେଉଁ ବ୍ୟକ୍ତି ନିଜର ମୃତ୍ୟୁକୁ ନିଜେ ଦେଖି ଶରୀର ତ୍ୟାଗ କରେ, ତାହାର ମୃତ୍ୟୁ ପ୍ରଶଂସନୀୟ ଅଟେ । ଯେତେବେଳେ ଜୀବନ ଓ ମୃତ୍ୟୁରେ ସ୍ୱାଧୀନତା ପ୍ରାପ୍ତି ହୁଏ, ସେତେବେଳେ ଯୋଗୀ ପଦ ପ୍ରାପ୍ତ ହୋଇଥାଏ ।

**ଜୀବନ୍ମୁକ୍ତ ଓ୍ୱେ ଧନ୍ୟ ହେଁ, ଫିର**
**ମରନେ କ୍ୟା ଆୟ ।**
**ମୃତ୍ୟୁଞ୍ଜୟ ଯୋଗୀ ଜଗତ, ଜିଓ୍ୱନ**
**ମରନ ସମଭାଓ୍ୱ ।।୦୪।।**




ଭାଷ୍ୟ - ସେହି ଜୀବନ୍ମୁକ୍ତ ଯୋଗୀ ଧନ୍ୟ ଅଟନ୍ତି, ଯିଏ ମୃତ୍ୟୁ ନିମନ୍ତେ ପୁନରାୟ ଜନ୍ମ ଧାରଣ କରନ୍ତି ନାହିଁ । ଏହି ଜଗତରେ ମୃତ୍ୟୁଞ୍ଜୟ ଯୋଗୀ ନିମନ୍ତେ ଜନ୍ମ ଏବଂ ମରଣ ଏକ ସମାନ ଅଟେ ।

**ଜଗ ଦୁର୍ଲଭ ଓ୍ୱହ ପୁରୁଷ ହେଁ,**
**ମରଣ ଜିଓ୍ୱନ ଅଧିକାର ।**
**ଦେହ ତ୍ୟାଗ ଲୀଲା କରେଁ,**
**ଛୋଡ଼ତ, ବୈଠତ ନ୍ୟାର ।।୦୫।।**

ଭାଷ୍ୟ - ସଂସାରରେ ସେହି ଯୋଗୀ ପୁରୁଷ ଦୁର୍ଲଭ ଅଟନ୍ତି ଯାହାଙ୍କର ଅଧିକାରରେ ନିଜର ଜୀବନ ଓ ମରଣ ହୋଇଥାଏ । ତାଙ୍କ ନିମନ୍ତେ ଶରୀର ତ୍ୟାଗ କ୍ରୀଡ଼ାମାତ୍ର ଅଟେ । ସେ ଶୁଦ୍ଧ ଆତ୍ମସତ୍ତାରେ ଶରୀରକୁ ଅଲଗା କରି ନିଜର ଚେତନ ସ୍ୱରୂପରେ ଶାନ୍ତ ଆଉ ନିମଗ୍ନ ହୋଇଯାଆନ୍ତି । ଯୋଗୀ ନିଜ ଶରୀରକୁ ତ୍ୟାଗ କରି ବିଦେହ ହେବାରେ ସ୍ୱତନ୍ତ୍ର ଅଟନ୍ତି । ଏହା ଜୀବନ୍ମୁକ୍ତ ଅମର ଯୋଗୀଙ୍କର ମହତ୍ତ୍ୱ ଅଟେ ।

**ମରଣ ଆପ ଆପହିଁ ମରେ, ଉତ୍ତମ**
**ମରଣ କହାୟ ।**
**ଶ୍ୱାନ କୀଟ ସମ ମୃତ୍ୟୁ ହେଁ, ମାୟ**
**ଦାୟ ଦୁଖି ପାୟ ।।୦୬।।**

ଭାଷ୍ୟ - ଯିଏ ନିଜ ଇଚ୍ଛାନୁକୂଳ ସ୍ୱୟଂ ଶରୀରକୁ ଛାଡ଼ିପାରେ, ତାହା ଉତ୍ତମ ମରଣ ଅଟେ । ଯିଏ କର୍ମର ବଶୀଭୂତ ହୋଇ କାନ୍ଦ ବୋବାଳି କରି ଦୁଃଖପୂର୍ବକ ଦେହତ୍ୟାଗ କରେ, ତାହାର ମୃତ୍ୟୁ ଶ୍ୱାନ ଏବଂ କୀଟ ପତଙ୍ଗାଦିର ମୃତ୍ୟୁ ସଦୃଶ ଅଟେ ।

**ମର କର ଫିର ମରନା ନହିଁ,**
**ଉତ୍ତମ ମରଣ କହାୟ ।**
**ଦେହ ତ୍ୟାଗ ସୋଇ ମରଣ ହେଁ,**
**ତ୍ୟାଗ ସମାଧି ଲଗାୟ ।।୦୭।।**

ଭାଷ୍ୟ - ମୃତ୍ୟୁ ପରେ ପୁନରାୟ ମୃତ୍ୟୁ ହୋଇ ନ ଥାଏ । ଏହାକୁ ଉତ୍ତମ ମୃତ୍ୟୁ କୁହାଯାଏ । ଯୋଗଯୁକ୍ତି ଦ୍ୱାରା ନିଜକୁ ଦେହସଂଘାତରୁ ପୃଥକ କରି ସମାଧିରେ ସ୍ଥିତ ହୋଇ ଯେଉଁ ଦେହତ୍ୟାଗ ହୋଇଥାଏ, ତାହା ବାସ୍ତବରେ ମୃତ୍ୟୁ ଅଟେ ।

**କର୍ମ ମରନ ସଂସାର କା, ଜ୍ଞାନ**
**ମରଣ ହେଁ ସନ୍ତ ।**
**ସୁରତି ଦ୍ୱାର ହଁସା ଚଲା, ନିଜ**
**ଘର ମିଲନ ଅନନ୍ତ ।।୦୮।।**

ଭାଷ୍ୟ - ସଂସାରୀ ପ୍ରାଣୀ, କର୍ମବଶତଃ କଷ୍ଟ ପ୍ରାପ୍ତ ହୋଇ ମୃତ୍ୟୁ ଲାଭ କରିଥାନ୍ତି ଓ ଯୋଗୀଗଣ ଜ୍ଞାନ ଦ୍ୱାରା ଯୋଗଯୁକ୍ତି ବଳରେ ଏହି ଶରୀରକୁ ଶେଷ କରି ନିଜର ସୁରତି ଦ୍ୱାରରେ ନିଜ ଲୋକକୁ ଯାଇ ପରମାନନ୍ଦରେ ନିମଗ୍ନ ହୋଇ ଶାନ୍ତ ହୋଇଯାଆନ୍ତି ।

**କାରଣ ସୂକ୍ଷ୍ମ ସ୍ଥୂଳ ହେଁ, ୟହ ଜଡ଼**
**ତନ ପରମାନ ।**
**ଜନମ ମରଣ ସ୍ଥୂଳ ହେଁ, ତ୍ୟାଗ**
**ଗ୍ରହଣ ୟହ ଜାନ ।।୦୯।।**

ଭାଷ୍ୟ - କାରଣ, ସୂକ୍ଷ୍ମ ଏବଂ ସ୍ଥୂଳ - ଏ ତିନି ଜଡ଼ ଶରୀର ଅଟନ୍ତି । ଜନ୍ମ ଓ ମୃତ୍ୟୁ ଏହି ସ୍ଥୂଳ ଶରୀରର ହୋଇଥାଏ । ଆତ୍ମା ଏହି ଜଡ଼ ସ୍ଥୂଳ ଶରୀରକୁ ଛାଡ଼ି କର୍ମ ଅନୁସାରେ ଅନ୍ୟ ଶରୀରକୁ ଧାରଣ କରିଥାଏ ।

**ଦେହ ସୂକ୍ଷ୍ମ କାରଣ ରହେ, ଜଡ଼**
**ଚେତନ ମିଲି ନାଥ ।**
**ଇନ ଓ୍ୱିୟୋଗ ହୋଓ୍ୱେ ନହୀଁ,**
**ଜନ୍ମ ମରଣ ଜିଓ୍ୱ ସାଥ ।।୧୦।।**

ଭାଷ୍ୟ - ସୂକ୍ଷ୍ମ ଆଉ କାରଣ - ଏହି ପ୍ରାକୃତିକ ଶରୀର ଆତ୍ମା ସାଥୀରେ ରହେ । ମୃତ୍ୟୁ ହେବା ପରେ ମଧ୍ୟ ଏମାନେ ଆତ୍ମାକୁ ଛାଡ଼ନ୍ତି ନାହିଁ । ଏ ଦୁଇ ଶରୀର ଦ୍ୱାରା ଆତ୍ମା ଏହି ଶରୀରରେ ଆତଯାତ ହୋଇଥାଏ ଆଉ ଜନ୍ମ ଏବଂ ମୃତ୍ୟୁକୁ ଲାଭ କରି ଅନେକ ଯାତନା ଭୋଗ କରିଥାଏ ।

**କାରଣ ସୁକ୍ଷମ ଦେହ କା, ସହଜ**
**ସମାଧି ତ୍ୟାଗ ।**
**ତନ ମେଁ ରହି ନହିଁ ରହତ ହେଁ,**
**ଅସ ଅନୁଭଓ୍ୱ ଅନୁରାଗ ।।୧୧।।**

ଭାଷ୍ୟ - ଜୀବନ୍ମୁକ୍ତ ସହଜ ଯୋଗୀ ସହଜ ଭୂମିରେ ନିଜର ଭକ୍ତି, ପ୍ରେମର ନିମଗ୍ନ ଅବସ୍ଥା ପ୍ରାପ୍ତ କରିବା ପରେ କାରଣ ଆଉ ସୂକ୍ଷ୍ମ ଦେହକୁ ତ୍ୟାଗ କରିଦିଏ ଆଉ ଶରୀରରେ ସ୍ଥିତ ହୋଇ ସୁଦ୍ଧା ନ ରହିବା ସମାନ ନିଜ ସହଜ ସ୍ୱରୂପରେ ସ୍ଥିତ ରହିଥାଏ । ସହଜ ଭୂମିରେ କାରଣ ଆଉ ସୂକ୍ଷ୍ମ ଦେହ ଆତ୍ମାକୁ ଛାଡ଼ିଯାଏ, ଏହା ଏହି ଦୋହାର ଅଭିପ୍ରାୟ ଅଟେ ।

**ସୁକ୍ଷମ କାରଣ ଦେହ ଜୋ,**
**ଛୁଟେ ନ କରମୀ ଜୀଓ୍ୱ ।**
**ଜନ୍ମ ମରଣ ସଂକଟ ସହେ,**
**ମିଲେଁ ନ ଆପନ ପୀଓ୍ୱ ।।୧୨।।**

ଭାଷ୍ୟ - କର୍ମ ଜଡ଼ ଜଗତରେ ରହୁଥିବା ସଂସାରୀ ପ୍ରାଣୀମାନଙ୍କର ସୂକ୍ଷ୍ମ ଏବଂ କାରଣ ଦେହକୁ ଛାଡ଼େ ନାହିଁ । ସେମାନେ ଏମାନଙ୍କ ଦ୍ୱାରା ଜନ୍ମ ମୃତ୍ୟୁ ସଂକଟରେ ପଡ଼ି ନିଜ ଶୁଦ୍ଧ ସ୍ୱରୂପକୁ ପ୍ରାପ୍ତ କରି ପାରନ୍ତି ନାହିଁ । ଫଳସ୍ୱରୂପ ନିଜ ପରମନାନନ୍ଦକୁ ମଧ୍ୟ ପ୍ରାପ୍ତ କରିପାରନ୍ତି ନାହିଁ ।

**ଜୀଓ୍ୱ ତୋ ନିତ୍ୟ ଅନାଦି ହେଁ,**
**ମରେ ନ ଜୀଓ୍ୱେ ସୋୟ ।**
**ସତ ଚିତ ରୂପ ପୁରାନ ହେଁ,**
**ସହଜ ସନାତନ ସୋୟ ।।୧୩।।**

ଭାଷ୍ୟ - ଜୀବ, ନିତ୍ୟ ଅନାଦି ବସ୍ତୁ ଅଟେ । ସୁତରାଂ ତାହାର ଜନ୍ମ କିମ୍ବା ମୃତ୍ୟୁ ହୁଏନାହିଁ । ଏହା ସତ୍ ଚିତ୍ ସ୍ୱରୂପ କୂଟସ୍ଥ ଏବଂ ନିତ୍ୟ ଅଟେ ।

**ଜୀଓ୍ୱ ଦେହ କେ ସାଥ ମେଁ,**
**ସହତ ଓ୍ୱିଓ୍ୱିଧ ଦୁଖି ସୋୟ ।**
**ଜନମ ମରଣ ତନ ଧର୍ମ ହେଁ,**
**ଜୀଓ୍ୱ ଅମର ତନ ସୋୟ ।।୧୪।।**

ଭାଷ୍ୟ - ଜୀବ ଦେହଧାରୀ ହୋଇ ଥିବାରୁ ତାକୁ ନାନାଦି କଷ୍ଟ ସହିବାକୁ ପଡେ । ଜନ୍ମ ଆଉ ମୃତ୍ୟୁ ଏ ଦୁଇ ଧର୍ମ ଶରୀରର ଅଟେ । ଜୀବାତ୍ମା ଚେତନ ଏବଂ ଅବିନାଶୀ ଅଟେ ।

**ଦେହ ନାଶ ଜିଓ୍ୱ ନାଶ ନହିଁ,**
**ଦେହୀ ଦେହ ଅଭାଓ୍ୱ ।**
**ଜନମ ମରଣ ସେ ରହିତ ହେଁ,**
**ଦେହ ସମ୍ବନ୍ଧ କହାଓ୍ୱ ।।୧୫।।**

ଭାଷ୍ୟ - କର୍ମ ସହ ସମ୍ବନ୍ଧ ଥିବାରୁ ବାରମ୍ବାର ଆତ୍ମା ଆଉ ଶରୀରର ସମ୍ବନ୍ଧ ରହିଥାଏ । ଦେହ ନାଶ ହେଉଥିଲେ ସୁଦ୍ଧା ଆତ୍ମା ଅବିନାଶୀ ହୋଇଥିବାରୁ ଦେହର ଅଭାବ ହୋଇଯାଏ । ଆତ୍ମା ଆଉ ଦେହର ସମ୍ବନ୍ଧ ହେବା ଫଳରେ ଜୀବ ଜନ୍ମ ମରଣ ଦୁଃଖକୁ ପ୍ରାପ୍ତ ହୋଇଥାଏ । ବାସ୍ତବରେ ଆତ୍ମା ଜନ୍ମ ଆଉ ମରଣର ଉର୍ଦ୍ଧ୍ୱରେ । ଏହି ଦେହ ସମ୍ବନ୍ଧକୁ ଛାଡ଼ିବା ପାଇଁ ପ୍ରଭୁ ଭକ୍ତି ବିନା ଅନ୍ୟ ପନ୍ଥା ନାହିଁ ।

## ଖରା ପାଇଁ କମଳା ଜୁସ୍

ଆଇରନ୍, ଭିଟାମିନ୍ ସି ଓ ଅନେକ ପ୍ରକାରର ନ୍ୟୁଟ୍ରିଏଣ୍ଟରେ ଭରା କମଳା ବା କମଳା ଜୁସ୍‌ରେ ପୋଟାସିୟମ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ବି କିଛି ମାତ୍ରାରେ ଥାଏ । ତେଣୁ ଏହାକୁ ଖାଇଲେ ଅଥବା ଏହାର ଜୁସ୍ ପିଇଲେ, ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ କିଡ୍‌ନୀ ଷ୍ଟୋନ ସମସ୍ୟାରୁ ମଧ ମୁକ୍ତି ମିଳିଥାଏ ବୋଲି ନ୍ୟୁଟ୍ରିସନିଷ୍ଟ କୁହନ୍ତି । ବ୍ଲଡପ୍ରେସର ବ୍ଲଡ ସୁଗାର ତଥା କୋଲେଷ୍ଟେରୋଲ୍‌କୁ ନିୟନ୍ତ୍ରଣରେ ରଖିବା ସଙ୍ଗେ ସଙ୍ଗେ ଏହା ବିଭିନ୍ନ ପ୍ରକାର ଚର୍ମ ରୋଗରୁ ମଧ ମୁକ୍ତି ଦେଇଥାଏ । ବିଶେଷକରି ଖରାଦିନେ ଏହାକୁ ଖାଇଲେ କିମ୍ବା ଏହାର ଜୁସ୍ ପିଇଲେ ଶରୀରରେ ଜଳୀୟଅଂଶ ନିୟନ୍ତ୍ରଣରେ ରହିବା ସଙ୍ଗେସଙ୍ଗେ ଶରୀର ଅନେକ ସମୟ ଧରି ହାଇଡ୍ରେଟ୍ ରହିଥାଏ । ତା'ଛଡ଼ା ଅଧିକ ଶାରୀରିକ ପରିଶ୍ରମ ଯୋଗୁ ଦେହରୁ ଝାଳ



ବାହାରୁଥିଲେ, ସେ କ୍ଷେତ୍ରରେ କମଳା ଖାଇବା କିମ୍ବା ଏହାର ଜୁସ୍ ପିଇବା ସର୍ବୋତ୍ତମ । ଏହା ଇନ୍‌ଷ୍ଟାଣ୍ଟ ଏନର୍ଜି ଦେଇଥାଏ । ଆଖିତଳେ ବିନ୍ଧା ଦୂର କରିବା ସଙ୍ଗେସଙ୍ଗେ ତ୍ୱଚାକୁ ଉଜ୍ଜ୍ୱଳ କରିବା ତଥା କେଶରେ ଚମକ୍ ଆଣିବାରେ ବି ଏହି ଜୁସ୍ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ ।

### ଟିକିଏ ହସନ୍ତୁ

ଅନ୍‌ଲାଇନ୍ କ୍ଲାସ୍‌ରେ ମିସ୍ ପିଲାଙ୍କୁ : ଭାରତଛାଡ ଆନ୍ଦୋଳନରେ କିଏ ସାମିଲ ହୋଇଥିଲେ ?
ପପୁ : ବିଜୟ ମାଲ୍ୟା, ଲଳିତ ମୋଦି, ନୀରବ ମୋଦି ଓ ମେହୁଲ ଚୋକ୍‌ସି ।

× × ×

ଶିକ୍ଷକ : ଭାସ୍କୋଡାଗାମା କେବେ ଭାରତ ଆସିଥିଲେ ?
ରାଜା : ସାର୍, ଶୀତଦିନେ ।
ଶିକ୍ଷକ ପାଗଳ ହେଇଗଲୁ ନା କ'ଣ ?
କିଏ ତତେ କହିଲା ?
ରାଜା : ସାର୍ ବିଶ୍ୱାସ କରନ୍ତୁ । ମୁଁ ଫଟୋରେ ଦେଖିଛି ସେ ଗୋଟେ ଲମ୍ବା କୋଟ୍ ପିନ୍ଧିଥିଲେ ।

× × × × ;× × ×

ଦିନେ ଏକ ଶୁଆ ଏକ କାର୍‌ରେ ଧକ୍କା ହେଇଗଲା । କାର୍‌ରେ ଥିବା ବ୍ୟକ୍ତି ବେହୋସ୍ ହୋଇଥିବା ଶୁଆକୁ ଏକ ପିଞ୍ଜରାରେ ରଖିଦେଲେ ।
ପରଦିନ ହୋସ୍ ଆସିବା ପରେ
ଶୁଆ- ଆରେ, ମୁଁ କ'ଣ ଜେଲ୍‌ରେ ।
ସେ କାର୍‌ବାଲା ଲୋକ ମୋ ସହ ଧକ୍କା ହୋଇ ମରିଗଲା ନା କ'ଣ ।

× × × ×



ବୋହୂ : ବାପା ଗୁଜୁରାଟି ସରିଯାଇଛି ବଜାରକୁ ଗଲା ବେଳେ ନେଇ ଆସିବେ ।
ଶଶୁର : ଝିଅ ଗୁଜୁରାଟି ତୁମ ଶାଶୁଙ୍କ ନାମ । ଆମ ଘରେ ବଡ଼ ଲୋକଙ୍କ ନାଁ ଧରି ଡାକନ୍ତି ନାହିଁ ।
ବୋହୂ : ଠିକ୍ ଅଛି ଆଗକୁ ଧ୍ୟାନ ରଖିବି ।
ବୋହୂ : ଘରେ ମା' ନାହାନ୍ତି, ବଜାରକୁ ଗଲା ବେଳେ ନେଇ ଆସିବେ ।

× × × × × ×

ଛେଦି ଲାଲ : ଜଲଦି ଗୋଟିଏ ଗ୍ଲାସ୍ ଜୁସ୍ ଦିଅ ଝଗଡ଼ା ହେବାର ଅଛି ।
ଗୋଟିଏ ଗ୍ଲାସ୍ ପିଇବା ପରେ : ଆଉ ଦି'ଟା ଗ୍ଲାସ୍ ଜଲଦି ଦିଅ ଝଗଡ଼ା ହେବ ।
ଦୋକାନୀ : ହେଲେ ଝଗଡ଼ା କେତେବେଳେ ହେବ ?
ଛେଦି ଲାଲ : ଯେତେବେଳେ ତୁମେ ପଇସା ମାଗିବ ।

× × × × × × ×

ବାପା : ମନ ଦୁଃଖରେ କାହିଁକି ବସିଛୁ ?
ପୁଅ : କହିପାରିବିନି ।
ବାପା : ତୋ ସାଙ୍ଗ ଭାବି କହିଦେ ।
ପୁଅ : କ'ଣ କହିବି ସାଙ୍ଗ ତୋ ଭାଉଜ ଆଇଫୋନ୍ ମାଗୁଛି । ହେଲେ ମୋ କଞ୍ଜୁସ ବାପା ଟଙ୍କା ଦେଉନି ।

× × × × ×

ପପୁ ଚାକିରିର ପ୍ରଥମ ଦିନରେ କମ୍ପ୍ୟୁଟରରେ ୧୧ ଘଣ୍ଟା ବିତାଇଲା ।
ବସ୍ ଖୁସି ହେଇ : ଖୁବ୍ ଭଲ ।
ଆଜି କ'ଣ କାମ କଲ ?
ପପୁ : କିବୋର୍ଡରେ ଏବିସିଡି ଏପଟସେପଟ ହେଇ ଲାଗିଥିଲା ତାକୁ ଠିକ୍ କରିଦେଲି ।

## ଉପକାରୀ ଟମାଟୋ

ଟମାଟୋରେ ଅନେକ ପ୍ରକାର ସ୍ୱାସ୍ଥ୍ୟପକାରୀ ଗୁଣ ଭରି ରହିଛି । ଏହା ହେଉଛି ଭିଟାମିନ୍ 'ସି'ର ଅନ୍ୟତମ ପ୍ରମୁଖ ଉତ୍ସ । ଏହାକୁ ନିୟମିତ ଖାଇଲେ ତାହା ରକ୍ତଚାପ ବା ବ୍ଲଡପ୍ରେସରକୁ ନିୟନ୍ତ୍ରଣରେ ରଖିଥାଏ । ଟମାଟୋରେ ଲାଇକୋପେନ୍ ନାମକ ଏକ ଆଣ୍ଟିଅକ୍ସିଡାଣ୍ଟ ରହିଛି । ଏହା କ୍ୟାନ୍‌ସର ସହ ଅନେକାଂଶରେ ଲଢ଼ିଥାଏ ବୋଲି ୟୁନିଭର୍ସିଟି ଅଫ୍ ବର୍ଲିନର ପୁଷ୍ଟିବିଜ୍ଞାନୀମାନେ ପ୍ରକାଶ କରିଛନ୍ତି । କୋଲେଷ୍ଟରାଲଜନିତ ସମସ୍ୟା ନେଇ ଚିନ୍ତିତ କି ? ଯଦି ହଁ, ତେବେ ନିଜର ନିୟମିତ ଖାଦ୍ୟ ତାଲିକାରେ ଟମାଟୋ ସାମିଲ କରନ୍ତୁ । ଏଥିରେ ଏଭଳି ଉପକାରୀ ତତ୍ତ୍ୱ ରହିଛି, ଯାହା ହୃତ୍‌ପିଣ୍ଡ (ହାର୍ଟ)କୁ ସୁସ୍ଥ ରଖିବାରେ ଆପଣଙ୍କର ସାହାଯ୍ୟ କରିଥାଏ । ଆଉ ଏକ ଖାସ୍ କଥା ହେଉଛି- ଯଦି ଦୃଷ୍ଟିଶକ୍ତିଜନିତ ସମସ୍ୟା ରହିଛି ତେବେ ଏହାକୁ କେତେକାଂଶରେ ଟମାଟୋ ଦୂର କରିଥାଏ । ତା' ସହ ପାଚନ କ୍ରିୟାକୁ ଆହୁରି ସକ୍ରିୟ କରିଥାଏ । ଡାଇବେଟିସ୍ ରୋଗୀ ପ୍ରତିଦିନ ଟମାଟୋ ଖାଇପାରନ୍ତି । ଏଥିରେ ଏଭଳି ଶକ୍ତି ଅଛି, ଯାହା ଅସ୍ଥିକୁ ମଜଭୁତ ରଖିଥାଏ ।



## ଇନସୁଲିନ୍ ସ୍ତର ସନ୍ତୁଳିତ ରଖେ ପିଆଜ ଶଣ୍ଢା

ପିଆଜ ଶଣ୍ଢାରେ ମିଳୁଥିବା ଭିଟାମିନ୍ 'ସି' ରକ୍ତଚାପକୁ ନିୟନ୍ତ୍ରଣରେ ରଖିଥାଏ । ଏହାଦ୍ୱାରା ହୃଦରୋଗ ସମ୍ବନ୍ଧିତ ସମସ୍ୟାରୁ ରକ୍ଷାମିଳେ । ଏହାଛଡ଼ା ପିଆଜ ଶଣ୍ଢାରେ ଥିବା ସଲଫର୍ ଧମନୀ ସହ ଜଡ଼ିତ ବିଭିନ୍ନ ସମସ୍ୟାର ଆଶଙ୍କା ମଧ ହ୍ରାସକରେ । ପିଆଜ ଶଣ୍ଢା ସେବନ ଦ୍ୱାରା ଇନସୁଲିନ୍ ସ୍ତର ସନ୍ତୁଳିତ ରହିଥାଏ । ଏହା ଶରୀରକୁ କ୍ରିୟାଶୀଳ କରିଥାଏ । କେବଳ ସେତିକି ନୁହେଁ, ଏହାର ସେବନ ଦ୍ୱାରା ବିଭିନ୍ନ ପ୍ରକାର କ୍ୟାନ୍‌ସର ଆଶଙ୍କା ହ୍ରାସ ପାଇଥାଏ ।



# ଚେରୀର ଉପକାରିତା

ସବୁ ଋତୁରେ ମିଳୁଥିବା ଖଟା ମିଠା ଫଳ ଚେରୀ ଖାଇବାକୁ ଯେତିକି ସ୍ୱାଦିଷ୍ଟ, ଦେହ ପାଇଁ ମଧ୍ୟ ସେତିକି ଉପାଦେୟ । ଭିଟାମିନ୍ ସି'ରେ ଭରପୂର ଥିବା ଏହି ଫଳକୁ ସୁପରଫ୍ରୁଟ୍ ମଧ୍ୟ କୁହାଯାଏ । ଏଥିରେ କେତେକ ପୋଷକ ତତ୍ତ୍ୱ ଓ ଆଣ୍ଟି ଏକ୍ସିଡେଣ୍ଟ ରହିଛି ଯାହାକି ସ୍ୱାସ୍ଥ୍ୟ ସହ ତ୍ୱଚାକୁ ଉଜ୍ଜ୍ୱଳ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରେ ।

ଚେରୀର ଗୁଣବତ୍ତା ବାଦାମ ଭଳି । କିନ୍ତୁ ଏହାର ମାତ୍ରା ସବୁବେଳେ ସଠିକ୍ ନେବା ଜରୁରୀ । ଗୋଟିଏ ବ୍ୟକ୍ତି ଦିନକୁ ୫୦ ରୁ ଶହେ ଗ୍ରାମ ଚେରୀ ଖାଇବା ଉଚିତ । କିନ୍ତୁ ରୋଗଗ୍ରସ୍ତ ଥିଲେ ୨୫୦ ଗ୍ରାମ ଚେରୀ ଖାଆନ୍ତୁ । ଏହାକୁ ଶୁଖାଇ କିମ୍ବା ସାଲାଡ୍ କରି ଖାଆନ୍ତୁ ।

ଚେରୀରେ ଭିଟାମିନ୍ ଏ' ରହିଛି ଯାହାକି ରେଟିନାକୁ ସୁସ୍ଥ ରଖିବା ସହ ଦୃଷ୍ଟିଶକ୍ତି ବଢ଼ାଏ । ବିଶେଷତଃ ମୋତିଆବିନ୍ଦୁ ରୋଗୀଙ୍କ ପାଇଁ ଏହା ଉପାଦେୟ । ଏହାକୁ ନିୟମିତ ଖାଇଲେ ଆଖି ସମ୍ବନ୍ଧୀୟ ଯେ କୌଣସି ସମସ୍ୟାର ସମାଧାନ ହୋଇପାରିବ ।



ଯଦି ମସ୍ତିଷ୍କ ଦୁର୍ବଳ ହୋଇପଡେ ତେବେ ଡାଏଟରେ ଚେରୀ ସାମିଲ କରନ୍ତୁ । ନିୟମିତ ଚେରୀ ଖାଇଲେ ମସ୍ତିଷ୍କ ସୁଦୃଢ଼ ହୋଇପାରିବ । ଏହି ଫଳରେ ଏନ୍ଥୋସାଇନିନ୍ ନାମକ ଲାଲ୍ ରଙ୍ଗର ଏକ ପିଗମେଣ୍ଟ ରହିଛି ଯାହାକି ମସ୍ତିଷ୍କରେ ଆଣ୍ଟି ଏକ୍ସିଡେଣ୍ଟସ୍ ଭଳି କାମ ଦିଏ । ତେଣୁ ଏହା ମସ୍ତିଷ୍କକୁ ସକ୍ରିୟ ରଖିବା ସହ ଚିନ୍ତାଶକ୍ତିକୁ ଦୃଢ଼ କରେ ।

ଶହେ ଗ୍ରାମ ଚେରୀରେ ମାତ୍ର ୬୩ କ୍ୟାଲୋରୀ ରହିଛି । ଯେଉଁ କାରଣରୁ ଡାଏଟସିଆନ୍ ଏହି ଫଳ ଖାଇବା ପାଇଁ ପରାମର୍ଶ ଦିଅନ୍ତି । ଏହା ଖାଇବା ଦ୍ୱାରା ପାଚନ ଶକ୍ତି ସୁଧୁରିବା ସହ ଶରୀରକୁ ଉପଯୁକ୍ତ ଶକ୍ତି ମିଳେ ।

ପ୍ରତିଦିନ ଗୋଟିଏ ଲେଖାଏଁ ଚେରୀ ଖାଇଲେ ଡାଇବେଟିସ୍ ନିୟନ୍ତ୍ରିତ ରହେ । ଏଥିରେ ଥିବା ଏନ୍ଥୋସାଇନିନ୍ ନାମକ ରାସାୟନିକ ପଦାର୍ଥ ଶରୀରରେ ଇନସୁଲିନର ମାତ୍ରାକୁ ବଢ଼ାଏ । ଶରୀରରେ ରକ୍ତ ଶର୍କରାର ସ୍ତରକୁ କମ୍ କରିବାରେ ସହାୟକ ।

ବ୍ୟସ୍ତବହୁଳ ଜୀବନରେ ପ୍ରଭାବିତ ହୋଇ ଆଜିକାଲି ଲୋକଙ୍କ ନିଦ ହଜିଗଲାଣି । ପର୍ଯ୍ୟାପ୍ତ ନିଦ ନହେବା କାରଣରୁ ଶାରୀରିକ ଅସୁସ୍ଥତା ସହ ମାନସିକ ଦୁଶ୍ଚିନ୍ତା ବଢ଼ିଯାଏ । ତେଣୁ ସକାଳୁ ଓ ସନ୍ଧ୍ୟା ସମୟରେ ଏକ ଗ୍ଲାସ ଚେରୀ ଜୁସ୍ ନିଶ୍ଚୟ ପିଅନ୍ତୁ । ଚେରୀ ଜୁସ୍ ପିଇଲେ ନିଦ ଭଲ ହେବା ସହ ଦେହ ସୁସ୍ଥ ରହେ ।

ଅଧିକାଂଶ ଲୋକ ହୃଦରୋଗକୁ ନେଇ ପୀଡିତ ଥାଆନ୍ତି । ଚେରୀରେ ପୋଟାସିୟମ, ଜିଙ୍କ୍, ଆଇରନ, ମାଙ୍ଗାନିଜ୍ ଥାଏ ଯାହାକି ହୃତପିଣ୍ଡକୁ ସୁସ୍ଥ ରଖେ । ଏଥିରେ ଥିବା ବିଟା କ୍ୟାରୋଟିନ୍ ହୃଦରୋଗରୁ ରକ୍ଷା କରେ । ଚେରୀରେ ସୋଡିୟମ, କୋଲେଷ୍ଟ୍ରଲର ମାତ୍ରା କମ୍ ହୋଇଯାଏ ।

# ଖରାରେ ଶରୀରକୁ ଥଣ୍ଡା ରଖେ ପାନମଧୁରୀ

ପାନମଧୁରୀର ବ୍ୟବହାର ସାଧାରଣତଃ ମସଲା କିମ୍ବା ମାଉଥ୍ ଫ୍ରେସନର ଭାବେ କରାଯାଇଥାଏ । ଏହାବ୍ୟତୀତ ପାନମଧୁରୀ ଭୋଜନକୁ ହଜମ କରାଇବା ସହ ପାଚନ ସମ୍ବନ୍ଧୀୟ ସମସ୍ୟାକୁ ମଧ୍ୟ ଦୂର କରିଥାଏ । ଏଥିରେ ଭିଟାମିନ୍, କ୍ୟାଲସିୟମ୍, ଫାଇବର, ଆଇରିନ୍, ପୋଟାସିୟମ୍, ଜିଙ୍କ୍ ଓ ମ୍ୟାଗନେସିୟମ୍ ପରିପୋଷକ ତତ୍ତ୍ୱ ଭରି ରହିଛି, ଯାହା ଶରୀର ପାଇଁ ଖୁବ୍ ଲାଭଦାୟକ । ଏହା ଶରୀରକୁ ଥଣ୍ଡା ରଖିବା ସହ ପେଟକୁ ସୁସ୍ଥ ରଖୁଥାଏ । ଏହାକୁ ନିୟମିତ ଖାଇବା ଦ୍ୱାରା ଅନେକ ସମସ୍ୟା ଦୂର ହୋଇଥାଏ ।

**ଶରୀରକୁ ଥଣ୍ଡା ରଖେ:** ଗରମ ଦିନେ ପାନମଧୁରୀ ଖାଇବା ଦ୍ୱାରା ଶରୀର ଥଣ୍ଡା ରହିଥାଏ । ଏହାବ୍ୟତୀତ ପାନମଧୁରୀରେ ଆଣ୍ଟି-ଅକ୍ସିଡାଣ୍ଟ ରହିଥାଏ, ଯାହା ଶରୀରରୁ ବିଷାକ୍ତ ପଦାର୍ଥ ବାହାରକୁ ବାହାର କରିଥାଏ । ନିୟମିତ ପାନମଧୁରୀ ଖାଇବା ଦ୍ୱାରା ଶରୀରରୁ ବିଷାକ୍ତ ପଦାର୍ଥ ବାହାରକୁ ବାହାରିବା ସହ ରକ୍ତ ସଫା ରହିଥାଏ ।



**ପାଚନ ତନ୍ତ୍ର ସୁସ୍ଥ ରହେ:** ଗରମ ଦିନେ ସାଧାରଣତଃ ପାଚନ ତନ୍ତ୍ରରେ ବିଭିନ୍ନ ସମସ୍ୟା ଦେଖା ଦେଇଥାଏ । ତେଣୁ ପାନମଧୁରୀ ଖାଇବା ସ୍ୱାସ୍ଥ୍ୟପ୍ରଦ । ଏଥିରେ ଥିବା ଫାଇବର ପାଚନ କ୍ରିୟାକୁ ତୀବ୍ର କରିବା ସହ ପେଟ ସଫା ରଖିଥାଏ ।

**ବଢ଼ାଏ ରୋଗ ପ୍ରତିରୋଧକ ଶକ୍ତି:** ପାନମଧୁରୀରେ ପ୍ରଚୁର ମାତ୍ରାରେ ଭିଟାମିନ୍-ସି ଓ ଆଣ୍ଟି-ଅକ୍ସିଡାଣ୍ଟ ରହିଥାଏ, ଯାହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ଏହାବ୍ୟତୀତ ଏଥିରେ ଆଣ୍ଟି-ବ୍ୟାକ୍ଟେରିଆଲ୍ ଗୁଣ ମଧ୍ୟ ରହିଥାଏ, ଯାହା ସଂକ୍ରମଣ ଓ ଭାଇରସଠାରୁ ଦୂରେଇ ରଖେ ।

**ରକ୍ତଚାପ ନିୟନ୍ତ୍ରିତ କରେ:** ଏଥିରେ ଥିବା ପୋଟାସିୟମ୍ ରକ୍ତଚାପକୁ ନିୟନ୍ତ୍ରିତ କରେ । ଏହାକୁ ନିୟମିତ ଖାଇବା ଦ୍ୱାରା ହୃଦୟ ସମ୍ବନ୍ଧୀୟ ରୋଗର ଆଶଙ୍କା କମ୍ ରହେ ।

# ସ୍ୱାସ୍ଥ୍ୟ ଉପଯୋଗୀ ପୋଦିନା ପତ୍ର

ପୋଦିନାର ଖଟା ମିଠା ଚଟଣୀ ପାଟିକୁ ସୁଆଦିଆ ଲାଗିଥାଏ । ହେଲେ ପୋଦିନା ସ୍ୱାସ୍ଥ୍ୟ ଲାଗି ରାମବାଣ ପରି କାମକରେ । ଏଥିରେ ପ୍ରଚୁର ପରିମାଣର ଭିଟାମିନ୍ ଓ ପୋଷକ ତତ୍ତ୍ୱ ଭରି ରହିଛି । ଏଥିରେ ସୋଡିୟମ୍, ପୋଟାସିୟମ୍, ଆଇରନ ଓ ଭିଟାମିନ – ସି ଉତ୍ତମ ମାତ୍ରାରେ ରହିଛି । ଏହାକୁ ସେବନ କରିବା ଦ୍ୱାରା ପାଚନ ତନ୍ତ୍ର ସୁସ୍ଥ ରହିବା ସହିତ ଶାରୀରିକ ଦୁର୍ବଳତାକୁ ଦୂର କରିଥାଏ । ଖରାଦିନେ ଗ୍ୟାସ, ବଦହଜମୀ ଓ ବାନ୍ତି ସମସ୍ୟାରୁ ମୁକ୍ତି ପାଇବା ପାଇବା ଲାଗି ପୋଦିନା ଖୁବ୍ ଉପଯୋଗୀ ।



**ଇମ୍ୟୁନିଟି ମଜବୁତ କରେ:** ପୋଦିନା ଚଟଣୀରେ ଭିଟାମିନ-ସି ପ୍ରଚୁର ମାତ୍ରାରେ ରହିଛି । ଏହାକୁ ସେବନ କରିବା ଦ୍ୱାରା ଇମ୍ୟୁନିଟି ବୃଷ୍ଟ ହୋଇଥାଏ । ଏଥିସହ ପୋଦିନା ବିଭିନ୍ନ ରୋଗରୁ ମଧ୍ୟ ରକ୍ଷା କରିଥାଏ ।

**ଯନ୍ତ୍ରଣାରୁ ମୁକ୍ତି ଦିଏ:** ଅସହ୍ୟ ଗରମ ଯୋଗୁଁ ଯଦି ଶରୀରରେ କୌଣସି ଯନ୍ତ୍ରଣା ଅନୁଭବ କରୁଛନ୍ତି ତେବେ ଡାଏଟରେ ପୋଦିନା ସାମିଲ କରନ୍ତୁ । ଏହାକୁ ନିୟମିତ ସେବନ କରିବା ଦ୍ୱାରା ମୁଣ୍ଡବ୍ୟଥା, ମାଂସପେଶୀ ଯନ୍ତ୍ରଣା, ଶରୀର ଦୁର୍ବଳତା ଭଳି ସମସ୍ୟାରୁ ମୁକ୍ତି ମିଳିଥାଏ । ପୋଦିନାରେ ଥିବା ଆଇରନ ଶରୀରକୁ ବହୁ ରୋଗରୁ ମୁକ୍ତି ଦେଇଥାଏ ।

**ପାଚନ ତନ୍ତ୍ର ଉତ୍ତମ ରହେ:** ପୋଦିନା ଚଟଣୀ ଖାଇବା ଦ୍ୱାରା ପେଟ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ମିଳିଥାଏ । ଏଥିରେ ଥିବା ଫାଇଟୋନ୍ୟୁଟ୍ରିଆଣ୍ଟସ ଓ ଆଣ୍ଟିଅକ୍ସିଡାଣ୍ଟସ ପାଚନ ଶକ୍ତିକୁ ଉତ୍ତମ କରେ । ଏହାକୁ ସେବନ କରିବା ଦ୍ୱାରା ବଦ ହଜମୀ ଭଳି ସମସ୍ୟାରୁ ମୁକ୍ତି ଦେଇଥାଏ । ଏହା ବ୍ୟତୀତ ଏହି ଚଟଣୀ ଖାଇବା ଦ୍ୱାରା ଭୋକ ହୋଇଥାଏ, ଏଥି ସହିତ ବାନ୍ତିରୁ ମୁକ୍ତି ମିଳେ ।

**ଲୁ ମୁକ୍ତ:** ଖରାଦିନେ ବାହାରକୁ ବାହାରିଲେ ଲୁ' ସମସ୍ୟାରୁ ମୁକ୍ତି ଦିଏ । ଏଥି ସହିତ ପୋଦିନା ଚଟଣୀ ଖରାଦିନେ ଖାଇବା ଦ୍ୱାରା ଏହା ଶରୀରକୁ ହେଲଦୀ ରଖିଥାଏ ।

**ହେଲଦୀ ଶରୀର:** ଖରାଦିନେ ପୋଦିନା ଚଟଣୀ ନିୟମିତ ଖାଇବା ଦ୍ୱାରା ଏହା ଶରୀରରେ ଜଳୀୟ ଅଂଶ କମ୍ ହେବାକୁ ଦିଏ ନାହିଁ । ପୋଦିନାରେ ଥିବା ଆଣ୍ଟିଇନ୍‌ଫ୍ଲାମେଟରି ଗୁଣ ଶରୀରକୁ ସୁସ୍ଥ ରଖିବାରେ ସହଯୋଗ କରିଥାଏ । ଏହା ବ୍ୟତୀତ ଏହି ଚଟଣୀ ସେବନ କରିବା ଦ୍ୱାରା ଶରୀର ସୁସ୍ଥ ରହିଥାଏ ।

# ଥଣ୍ଡା ପାଣି ପିଇବା କ୍ଷତିକାରକ

ଏକ ସର୍ଭେରୁ ଜଣାପଡିଛି ଯେ, ଥଣ୍ଡା ପାଣି ବେଗସ୍ ଶିରାକୁ ଉତ୍ତେଜିତ କରିଥାଏ । ବେଗସ୍ ଶିରା ଶରୀରର ଅଟୋନୋମିକ୍ ଶିରା ସିଷ୍ଟମର ଏକ ମହତ୍ତ୍ୱ ପୂର୍ଣ୍ଣ ଅଂଶ । ଯାହା ଶରୀରର ପ୍ରତ୍ୟେକ କାର୍ଯ୍ୟକୁ ନିୟନ୍ତ୍ରଣ କରିଥାଏ । ବେଗସ୍ ଶିରା ମାଧ୍ୟମରେ ହୃଦୟର ଗତି କମ୍ ହୋଇଥାଏ । ଥଣ୍ଡା ପାଣି ପିଇବା ଯୋଗୁଁ ଏହି ଶିରା ଉତ୍ତେଜିତ ହୋଇଥାଏ । ଯାହା ଯୋଗୁଁ ହୃଦୟର ଗତି କମ୍ ହୋଇଥାଏ । ଖାଇ ସାରିବା ପରେ ଅଧିକ ଥଣ୍ଡା ପାଣି ପିଇବା ଯୋଗୁଁ ପାଚନକ୍ରିୟା ମଧ୍ୟ ମନ୍ଥର ହୋଇଥାଏ । ଏହି ଯୋଗୁଁ ମେଟାବୋଲିଜିମ୍ ମଧ୍ୟ ପ୍ରଭାବିତ ହେବା ସହିତ ଶରୀର ମଧ୍ୟରେ ଅନାବଶ୍ୟକ ଫ୍ୟାଟ୍ ଜମା ହୋଇଥାଏ । ଫ୍ରିଜର ଅତ୍ୟାଧୁନିକ ଥଣ୍ଡା ପାଣି ପିଇବା ପରିବର୍ତ୍ତେ ମାଠିଆରେ ରଖାଯାଇଥିବା ଥଣ୍ଡା ପାଣିକୁ ପିଇବା ଶରୀର ପ୍ରତି ଲାଭଦାୟକ ହୋଇଥାଏ ।

# ଆପଣ ଜାଣନ୍ତି କି ?

- ପୃଥିବୀର ଯଦି ଚନ୍ଦ୍ର ନ ଥାଆନ୍ତା ତା' ହେଲେ ଦିନର ଦୈର୍ଘ୍ୟ ମାତ୍ର ୬ ଘଣ୍ଟା ହୋଇଥାନ୍ତା ।
- କାଉର ସ୍ମୃତିଶକ୍ତି ଅତ୍ୟନ୍ତ ପ୍ରଖର । କାଉ ପ୍ରତ୍ୟେକ ମଣିଷର ଚେହେରା ମନେ ରଖିପାରେ ।
- ମଣିଷ ତିଆରି କରିଥିବା ପ୍ରାୟ ୨୨ ହଜାର ଜିନିଷ ପୃଥିବୀ ଚାରିପଟେ ଘୁରି ବୁଲୁଛି ।
- ପ୍ରଜାପତି ନିଜ ପାଦ ସାହାଯ୍ୟରେ ଖାଦ୍ୟ ଗ୍ରହଣ କରିଥାଏ ।
- ପ୍ରତି ଶତାବ୍ଦୀରେ ପୃଥିବୀରେ ଦିନର ଦୈର୍ଘ୍ୟ ୧.୭ ମିଲି ସେକେଣ୍ଡ ଲେଖାଏଁ ବୃଦ୍ଧି ପାଉଛି ।



- ପୃଥିବୀ ପୃଷ୍ଠରେ ବୃକ୍ଷଲତା ପୂର୍ବରୁ ଛତୁର ସୃଷ୍ଟି ହୋଇଥିଲା ।
- ମହୁ ଏକମାତ୍ର ଖାଦ୍ୟ ଯାହା କେବେ ବି ନଷ୍ଟ ହୋଇଯାଏ ନାହିଁ । ମହୁ ୩ ହଜାର ବର୍ଷ ପର୍ଯ୍ୟନ୍ତ ତାଜା ରହିପାରେ ।
- ସାରା ବିଶ୍ୱରେ ପ୍ରାୟ ୭୫୦୦ ପ୍ରଜାତିର ସେଓ ଚାଷ ହୋଇଥାଏ । ଯଦି ଜଣେ ଦୈନିକ ଗୋଟିଏ ନୂଆ ପ୍ରଜାତିର ସେଓ ଖାଏ ତେବେ ସବୁତକ ପ୍ରଜାତିର ସେଓ ଖାଇବାକୁ ତାକୁ ୨୦ ବର୍ଷ ସମୟ ଲାଗିବ ।
- ଶନି ହେଉଛି ଏକମାତ୍ର ଗ୍ରହ ଯାହା ଘଣ୍ଟାର କଣ୍ଟା ସଦୃଶ ଘୁରିଥାଏ ।
- ପୃଥିବୀର ମୋଟ ଅକ୍ସିଜେନର ୨୦ ପ୍ରତିଶତ ଅମ୍ଳଜାନ ରେନ୍ ଫରେଷ୍ଟରୁ ଉତ୍ପନ୍ନ ହୋଇଥାଏ ।

# କହିପାରିବେ କି ?

(୧) ଭାରତରେ ପ୍ରଥମ ସ୍ୱାଧୀନତା ଆନ୍ଦୋଳନ କେବେ ଆରମ୍ଭ ହୋଇଥିଲା ?
(୨) ନ୍ୟାଶନାଲ ଟେକ୍ନୋଲୋଜି ଡେ' କେବେ ହୋଇଥିଲା ?
(୩) ରାମାୟଣର ଲକ୍ଷ୍ମଣଙ୍କର ସ୍ତ୍ରୀଙ୍କ ନାମ କ'ଣ ?
(୪) ରାମ କେଉଁ ବଂଶରେ ଜନ୍ମ ହୋଇଥିଲେ ?
(୫) ଜନକ ରାଜାଙ୍କ ଧନୁର ନାମ କ'ଣ ?
(୬) ରାବଣ କେଉଁ ଋଷିର ବଂଶଜ ଥିଲେ ?
(୭) ହିଡ଼ିମ୍ବା କିଏ ?
(୮) ବାଲୀଙ୍କର ପୁତ୍ର ନାମ କ'ଣ ?
(୯) କେଉଁ ନଦୀ କୂଳରେ ଅଯୋଧ୍ୟା ଅଛି ?
(୧୦) ଇନ୍ଦ୍ରଜିତଙ୍କୁ କିଏ ବଧ କରିଥିଲେ ?

## JUMBLE WORDS

| | | | |
|---|---|---|---|
| 1) MAAERC | = | 6) TOSOHM | = |
| 2) TNHESC | = | 7) CVAHO | = |
| 3) ARLCW | = | 8) MLRUE | = |
| 4) ZOWYO | = | 9) MSUREM | = |
| 5) NIETTN | = | 10) DONIWW | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ଉତ୍କଳ ଦୀପିକା, ୨.ଦୈନିକ ଆଶା, ୩.ସୀତା ବିବାହ, ୪.୧୧, ୫.୧୯୦୭, ୬.ଲ୍ୟାଣ୍ଡ ଅଫ୍ ଥଣ୍ଡର ଡ୍ରାଗନ, ୭.ଥିମ୍ପୁ ୮.୧୮୭୫, ୯.୧୧, ୧୦.୧୫୦୦ ।

***Jumble Words* ର ଉତ୍ତର :-**

(1) NEWLY (2) METAL (3) SKINNY (4) AUTHOR (5) MOOSE
(6) GIANT (7) POTPIE (8) LUCENT (9) UNFIT (10) PRONE.

# ସୁନ୍ଦରଗଡ଼ ଜିଲ୍ଲା ପରିଷଦର ବୈଠକ

ସୁନ୍ଦରଗଡ଼ : ସୁନ୍ଦରଗଡ ଜିଲା ପରିଷଦର ତୃତୀୟ ବୈଠକ ଅଧକ୍ଷା କୁନ୍ତୀ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଦର ବିଧାୟିକା କୁସୁମ ଟେଟେ, ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ରାଜଗାଙ୍ଗପୁର ବିଧାୟକ ଡକ୍ଟର ସି.ଏସ୍. ରାଜେନ୍ ଏକ୍କା, ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଜିଲା ପରିଷଦ ଉପାଧକ୍ଷ କମଳ ଲାକ୍ରା, ଜିଲାପାଳ ଡକ୍ଟର ପରାଗ ଗଭାଲି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ମନୋଜ ମହାଜନ ମଞ୍ଚାସୀନ ଥିଲେ । ବୈଠକରେ ମୁଖ୍ୟତଃ ପାନୀୟ ଜଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ, ଆମ୍ବୁଲାନ୍ସ ସେବା, ଚିକିତ୍ସାଳୟରେ ଆବଶ୍ୟକ ସ୍ୱାସ୍ଥ୍ୟକର୍ମୀ ତଥା ଅଣ ସ୍ୱାସ୍ଥ୍ୟକର୍ମୀ ନିୟୋଜନ, ମହାପ୍ରୟାଣ ଗାଡ଼ି, ଶିକ୍ଷା କ୍ଷେତ୍ର ତଥା ହାଇସ୍କୁଲ ରୂପାନ୍ତରଣ, ଅପହଞ୍ଚ ଅଞ୍ଚଳରେ ବିଦ୍ୟୁତୀକରଣ ବ୍ୟବସ୍ଥା, ଜଙ୍ଗଲ ଅଧିକାର ଆଇନ, ଅଙ୍ଗନବାଡି ଗୃହ ନିର୍ମାଣ, ବେନିୟମ ଖଣି ଖନନ, ଡ଼ି.ଏମ୍.ଏଫ୍ ପାଣ୍ଠି ଆଦି ସଂକ୍ରାନ୍ତରେ ଆଲୋଚନା ହୋଇଥିଲା ।

ବୈଠକରେ ଗ୍ରାମ୍ୟ ଜଳଯୋଗାଣ ଏବଂ ପରିମଳ ବିଭାଗ ସୁନ୍ଦରଗଡ଼ ତଥା ରାଉରକେଲା ବିଭାଜନ ପକ୍ଷରୁ ହାତକୁ ନିଆଯାଇଥିବା ବୃହତ୍ ଜଳଯୋଗାଣ ପ୍ରକଳ୍ପ ଗୁଡିକ ଉପରେ ଆଲୋଚନା ହୋଇଥିଲା । ସେହିପରି ସୁନ୍ଦରଗଡ଼ ଜଳସେଚନ ବିଭାଜନ, ଉଠା ଜଳସେଚନ ବିଭାଜନ ଏବଂ କ୍ଷୁଦ୍ର ଜଳସେଚନ ବିଭାଜନ ପକ୍ଷରୁ ବିଭାଗୀୟ ପ୍ରକଳ୍ପ ଯଥା ଉଠା ଜଳସେଚ ପ୍ରକଳ୍ପ, ଗଭୀର ନଳକୂପ ପ୍ରକଳ୍ପ ଆଦି ଉପରେ ଉପସ୍ଥାପନା ହୋଇଥିଲା । ପ୍ରକଳ୍ପ, ନିର୍ଦ୍ଦେଶକ, ଜଳବିଭାଜିକା ପକ୍ଷରୁ ଜିଲାରେ ଜଳ ଅମଳ ଗଠନ, ଚେକ୍‌ମ୍ ଆଦି ନିର୍ମାଣ ବିଷୟରେ ସୂଚନା ଦେଇଥିଲେ ।

ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଜିଲ୍ଲାର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜିଲ୍ଲାରେ ଚାଲୁଥିବା ବିଭିନ୍ନ ଯୋଜନା ତଥା ପ୍ରକଳ୍ପ ଉପରେ କହିଥିଲେ । ବୈଠକରେ ଜିଲା ରେ ମେଡିକାଲ ଭିତ୍ତିଭୂମି, ୟୁ.ପି.ଏଚ୍. ସି.ପି.ଏଚ୍. ସିସବ ସେଣ୍ଟର, ଆଶା, ଆଶା ଗୃହ, ଜି.କେ.ଏସ୍, ଆର୍. ବି.ଏସ୍. କେ., ବାଇକ୍ ଆମ୍ବୁଲାନ୍ସ, ମା' ଗୃହ, ଭି.ଏଚ୍.ଏନ୍. ଡି. ଆଦି ଉପରେ ଆଲୋକପାତ କରାଯାଇଥିଲା ।

ଜନ ପ୍ରତିନିଧିମାନେ ବିଭିନ୍ନ ଚିକିତ୍ସାଳୟରେ ପାଚେରୀ ନିର୍ମାଣ, ଡାୟାଲିସିସ୍ ମେସିନ, ଅଲ୍ଟ୍ରା ସାଉଣ୍ଡ ଆଦିର ଆବଶ୍ୟକତା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । ସେହିପରି ଜିଲା କୃଷି ବିଭାଗ ପକ୍ଷରୁ ଧାନ ତଥା ଅଣଧାନ ଚାଷ, ବିହନ ଯୋଗାଣ, ସାର ଯୋଗାଣ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଆଦି ଉପରେ ସୂଚନା ଦିଆଯାଇଥିଲା । ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଜିଲ୍ଲାରେ ବୃକ୍ଷରୋପଣ ଭିତ୍ତିଭୂମି, ଏମ୍.ଜି. ଏନ୍.ଆର.ଇ.ଜି.ଏସ୍. ଯୋଜନା ଅନ୍ତର୍ଗତ ଫଳ ବୃକ୍ଷରୋପଣ, ୱାଡି ପ୍ରକଳ୍ପ, ଜୀବିକା ପ୍ରୋତ୍ସାହନ, କୌଶଳର ବିକାଶ, ମେଗା ନର୍ସରୀ ଆଦି ଉପରେ ଆଲୋକପାତ କରାଯାଇଥିଲା । ମସଲା ମିଶନ ଯୋଜନାରେ ଲଙ୍କା, ଧନିଆ, ଅଦା, ହଳଦୀ ଆଦି ଚାଷ ଏବଂ ଛତୁ ମିଶନ ଯୋଜନା ଆଦି ଉପରେ ସୂଚନା ଦିଆଯାଇଥିଲା । ଏହି ପରିପ୍ରେକ୍ଷୀରେ ଜନପ୍ରତିନିଧି ଜନସାଧାରଣଙ୍କୁ ବିଭିନ୍ନ ଫଳ ଚାଷ ସମ୍ପର୍କୀୟ ବୈଷୟିକ ପ୍ରଶିକ୍ଷଣ ତଥା ହାତୀ ଉପଦ୍ରବ ଦ୍ୱାରା ହେଉଥିବା ଫସଲ ନଷ୍ଟ ରୋକିବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ । ଜିଲ୍ଲା ଶିକ୍ଷା ବିଭାଗ ତଥା ଜିଲା ମଙ୍ଗଳ ବିଭାଗ ପକ୍ଷରୁ ଜିଲାର ଶିକ୍ଷା ଭିତ୍ତିଭୂମି, ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟର ବ୍ୟବସ୍ଥା ତଥା ସ୍ଥିତି ଆଦି ଉପରେ ଉପସ୍ଥାପନ କରାଯାଇଥିଲା । ଜିଲା ଯୋଗାଣ ବିଭାଗ ପକ୍ଷରୁ ଜିଲାର ଏନ୍.ଏଫ୍. ଏସ୍.ଏ, ଏସ୍.ଏଫ୍.ଏସ୍.ଏସ୍, ଅନ୍ନପୂର୍ଣା ଯୋଜନା ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଥିଲା । ବୈଠକରେ ସମସ୍ତ ଜିଲା ପରିଷଦ ସଭ୍ୟାସଭ୍ୟ, ବ୍ଲକ ଅଧକ୍ଷ, ଅଧକ୍ଷା ତଥା ଜିଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ଜିଲା ପରିଷଦ ଉପାଧକ୍ଷ କମଳ ଲାକ୍ରା ଧନ୍ୟବାଦ ଅର୍ପଣ କରିଥିଲେ ।

# ସୁନ୍ଦରଗଡ଼ ଜିଲ୍ଲା ଓକିଲ ସଂଘ ପକ୍ଷରୁ ମଧୁସୂଦନ ଜୟନ୍ତୀ

ସୁନ୍ଦରଗଡ଼ : ସୁନ୍ଦରଗଡ ଜିଲ୍ଲା ଓକିଲ ସଂଘ ତରଫରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୫ ତମ ଜୟନ୍ତୀ ତଥା ଆଇନଜୀବୀ ଦିବସ ପାଳିତ ହୋଇଯାଇଛି । ଜିଲା ଓକିଲ ସଂଘ ସଭାପତି କମଳଲୋଚନ ସେନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲ୍ଲା ଦୌରାଜଜ୍ ଶୁଭଦର୍ଶୀ ପଟ୍ଟନାୟକ ମୁଖ୍ୟ ଅତିଥି, ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଶକ୍ତିଧର ଦାସ ମୁଖ୍ୟ ବକ୍ତା, ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍ ରାଜଲକ୍ଷ୍ମୀ ପଟ୍ଟନାୟକ, ସ୍ୱତନ୍ତ୍ର ଜଜ୍ ପକ୍‌ସୋ ଏମ. କେ. ସୂତ୍ରଧର, ଅତିରିକ୍ତ ଜିଲା ଜଜ୍ ରାଜେଶ ଦାସ, ଚିଫ ଜୁଡ଼ିସିଆଲ ମାଜିଷ୍ଟ୍ରେଟ ସରୋଜିନୀ ପତି, ପବ୍ଲିକ ପ୍ରସିକ୍ୟୁଟର ଅବଦୁଲ ସମିମ ଅଖତର, ବରିଷ୍ଠ ଆଇନଜୀବୀ ନିମାଇଁ ଚରଣ ନାଏକ, ଅଶୋକ ଦାଶ ଓ ପୂର୍ବତନ ସଭାପତି ସୁକାନ୍ତ ମହାପାତ୍ର ପ୍ରମୁଖ ଆଇନଜୀବୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମଧୁବାବୁଙ୍କ ଜୀବନୀ ବିଷୟରେ ବକ୍ତବ୍ୟ ପ୍ରଦାନ କରି ନ୍ୟାୟିକ ବ୍ୟବସ୍ଥାରେ ଆଇନଜୀବୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ । ସଭା ଆରମ୍ଭରେ ପରଲୋକଗତ ବରିଷ୍ଠ ସଦସ୍ୟମାନଙ୍କ ଅମର ଆତ୍ମା ଶାନ୍ତି ପ୍ରଦାନ ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା । ପରେ ଦୀପ ପ୍ରଜ୍ୱଳନ ସହ ମଧୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏହାପରେ ଚିଫ୍ ଜୁଡ଼ିସିଆଲ ମାଜିଷ୍ଟ୍ରେଟ ସରୋଜିନୀ ପତି ଅତିରିକ୍ତ ଜିଲା ଜଜ୍ ଭାବେ ପଦୋନ୍ନତି ଓ ସୁନ୍ଦରଗଡ଼ ଜିଲା ପବ୍ଲିକ ପ୍ରସିକ୍ୟୁଟର ଅବଦୁଲ ସମିମ ଅଖତର ଜିଲା ଜଜ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାରୁ ଉଭୟଙ୍କୁ ସମ୍ମାନିତ କରାଯାଇଥିଲା । ଏହାସହ ଜିଲା ଓକିଲ ସଂଘର ୪ ଜଣ ବରିଷ୍ଠ ସଦସ୍ୟ ପରମେଶ୍ୱର ନାଏକ, ପ୍ରହଲ୍ଲାଦ ଅଗ୍ରୱାଲ, ଦାମୋଦର ମହାପାତ୍ର, ନବୀ ଇମାମଙ୍କୁ ମଧ ସମ୍ମାନିତ କରାଯାଇଥିଲା । ସମ୍ପାଦକ ଅଶୋକ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବୁର୍ଲା ବରିଷ୍ଠ ନାଗରିକ ଫୋରମର ପ୍ରତିଷ୍ଠା ଦିବସ

ବୁର୍ଲା : ବୁର୍ଲା ବରିଷ୍ଠ ନାଗରିକ ଫୋରମର ପ୍ରତିଷ୍ଠା ଦିବସ ଓ ସ୍ୱାସ୍ଥ୍ୟ ସଚେତନତା ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି । ସଭାପତି ଆଇନଜିବୀ ପ୍ରମୋଦ କୁମାର ଦାଶ ସଭାପତିତ୍ୱରେ ବରିଷ୍ଠ ଉପଦେଷ୍ଟା ପ୍ରଫେସର ଡାକ୍ତର ମୀନକେତନ କର ଯୋଗଦେଇ 'ବରିଷ୍ଠ ମାନଙ୍କ ଖାଦ୍ୟ ସମସ୍ୟା ପ୍ରସଙ୍ଗରେ ଆଲୋଚନା କରିଥିଲେ । ଫୋରମର ଆଜୀବନ ସଦସ୍ୟ ପ୍ରଫେସର ବ୍ରଜମୋହନ ମିଶ୍ର ମୁଖ୍ୟଅତିଥି ଓ ଭିମସାରର ମେଡ଼ିସିନ ବିଭାଗର ପ୍ରଫେସର ପ୍ରଦୀପ ମହା ନ୍ତି ମୁଖ୍ୟବକ୍ତା ଭାବରେ ଯୋଗଦେଇ ଥିଲେ । ଫୋରମର ସମ୍ପାଦକ ଅବସରପ୍ରାପ୍ତ ଶିକ୍ଷକ ଯତୀନ୍ଦ୍ର ମୋହନ ପଣ୍ଡା ପ୍ରତିଷ୍ଠା ଦିବସ ଉପଲକ୍ଷେ ବିଶଦ ବିବରଣୀ ଓ କୋଭିଡ଼ ମହାମାରୀ ପୂର୍ବରୁ ଫୋରମ ପକ୍ଷରୁ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ହୋଇଥିବା ସ୍ୱାସ୍ଥ୍ୟ ଆଲୋଚନା ଚକ୍ର ବିଷୟରେ ଆଲୋଚନା କରିଥିଲେ । ସଭାରେ ପ୍ରଫେସର ବିଜୟ କୁମାର ତ୍ରିପାଠୀ, ପ୍ରଫେସର ଦେବାନନ୍ଦ ଚୋପଦାର, ପ୍ରଫେସର ଅଶୋକ ଦାଶ, ଇଂ. ସୁରେନ୍ଦ୍ର ସିଂ କାବଲି, ଇଂ. ସୁରେନ୍ଦ୍ର ନାୟକ, ରବୀନ୍ଦ୍ର ନାୟକ, ନିରଞ୍ଜନ ପଟ୍ଟନାୟକ, ନୀଳକଣ୍ଠ ମହାପାତ୍ର, ହିମାଂଶୁ ଶେଖର ଠାକୁର, ସୁରେଶ କୁମାର ମାଝୀ, ଅଶ୍ୱିନୀ କୁମାର ଆଚାର୍ଯ୍ୟ, ରବୀନ୍ଦ୍ର ନାୟକ, ଶାନ୍ତା ରନବିଡ଼ା, ଲକ୍ଷ୍ମଣ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ ।

# ବରଗଡ଼ରେ ଏଫ.ଏମ୍. ଟ୍ରାନ୍ସମିଟର ଉଦ୍‌ଘାଟିତ

ବରଗଡ : ପ୍ରସାର ଭାରତୀ ପକ୍ଷରୁ ବରଗଡ଼ରେ ଏଫ.ଏମ (ଫ୍ରିକ୍ୟୁଏନ୍ସି ମଡ୍ୟୁଲେସନ) ରିଲେ କେନ୍ଦ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଅଭାସି ମାଧମରେ ଉଦଘାଟିତ ହୋଇଛି । ୧୦୦ ୱାଟ କ୍ଷମତା ବିଶିଷ୍ଟ ଏହି ଟ୍ରାନ୍ସମିଟରର ପ୍ରତିଷ୍ଠା ଦ୍ୱାରା ବରଗଡ଼ ରୁ ୨୨ କିମି ପରିସର ମଧରେ ଆକାଶବାଣୀ କଟକରୁ ପ୍ରସାରିତ କାର୍ଯ୍ୟକ୍ରମ ସକାଳ ୬ରୁ ରାତି ୧୧ ପର୍ଯ୍ୟନ୍ତ ଶ୍ରୋତାମାନେ ଶୁଣି ପାରିବେ । ସ୍ଥାନୀୟ ସ୍ତରରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ସାଂସଦ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରେଡିଓର ପ୍ରଚାରପ୍ରସାର ପାଇଁ କେନ୍ଦ୍ର ସରକାରଙ୍କ ଉଦ୍ୟମ ସମ୍ପର୍କରେ ସୂଚନା ଦେଇଥିଲେ । ଉଦଘାଟନୀ ସମାରୋହରେ ଆକାଶବାଣୀ ନୂଆଦିଲ୍ଲୀ ସମାଚାର ବିଭାଗର ଯୁଗ୍ମ ନିର୍ଦ୍ଦେଶକ ନଭଲସାଙ୍ଗ ପରମାର, ଆକାଶବାଣୀ ସମ୍ବଲପୁର ଓ ଦୂରଦର୍ଶନ କେନ୍ଦ୍ରର କାର୍ଯ୍ୟକ୍ରମ ମୁଖ୍ୟ ମନୋଜ ପୂଜାରୀ, ବରଗଡ଼ କେନ୍ଦ୍ର ଦାୟିତ୍ୱରେ ଥିବା ରାଜକିଶୋର ପଣ୍ଡା, ଆକାଶବାଣୀ ସମ୍ବଲପୁର ଯାନ୍ତ୍ରିକ ବିଭାଗ ମୁଖ୍ୟ ରମେଶ ଚନ୍ଦ୍ର ଭୋଇ, ଦୂରଦର୍ଶନ ସମ୍ବଲପୁର ଯାନ୍ତ୍ରିକ ବିଭାଗର ମୁଖ୍ୟ ପ୍ରଦୀପ୍ତ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ପ୍ରକାଶ ଯୋଗ୍ୟ ଯେ ବରଗଡ଼ ସହିତ ସାରା ଦେଶରେ ୯୧ଟି ଏଫ.ଏମ. ଟ୍ରାନ୍ସମିଟରର କେନ୍ଦ୍ର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦଘାଟିତ ହୋଇଛି ।

# ଗରିବ ବୁଣାକାରଙ୍କ କୌଳିକ ବୃତ୍ତି ଉଦ୍ଧାର ହେଉ

ସୋନପୁର : ସୁବର୍ଣ୍ଣପୁର ବାନ୍ଧକଳାର ପ୍ରସିଦ୍ଧ ସ୍ଥଳ । ୧୦ ହଜାର ବୁଣାକାରଙ୍କ କୌଳିକ ବୃତ୍ତି ବର୍ତ୍ତମାନ ସଂପୂର୍ଣ୍ଣ ବନ୍ଦ ହୋଇଯାଇଛି । ଏଠାକାର ହସ୍ତତନ୍ତ ଲୁଗା ବିଶ୍ୱ ପ୍ରସିଦ୍ଧ । ହେଲେ ପ୍ରଶାସନର ଏଥିପ୍ରତି ଦୃଷ୍ଟି ପଡୁ ନାହିଁ । ବୁଣାକାରମାନଙ୍କର ଏକ ବଜାର ସୃଷ୍ଟି ପାଇଁ ଏକ ସାପ୍ତାହିକହାଟ କରା ଗଲେ ଅନେକ ଗରିବ ବୁଣାକାର ଉପକୃତ ହୋଇ ପାରନ୍ତେ ।

# ବାଉଡିଗୁଡାରେ ବାଦପାଲା

ସମ୍ବଲପୁର : ବାଉଡିଗୁଡା ଗ୍ରାମରେ ପାଲା ଗାୟିକା ଲକ୍ଷ୍ମୀପ୍ରିୟା ଅଡ୍ଡା ଏବଂ ବର୍ଷାରାଣୀ ଅଇନଙ୍କ ମଧରେ ବାଦପାଲା ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁରର ସିଦ୍ଧେଶ୍ୱରୀ ଧର୍ମ ସଂସଦର ସଭାପତି ଗୋପୀନାଥ ଷଡ଼ଙ୍ଗୀ ଅବସରପ୍ରାପ୍ତ ଶିକ୍ଷକ ସଦାଶିବ ଭୋଇ ଓ ଯୋଗୀନ୍ଦ୍ର ଭଇଁସାଲ ପ୍ରମୁଖ ଏଥିରେ ବିଚାରକ ଭାବେ ଯୋଗ ଦେଇଥିଲେ ।

# ମନମୁଣ୍ଡାରେ ପୂର୍ଣ୍ଣବୟବ ଗାନ୍ଧୀ ମୂର୍ତ୍ତି ସ୍ଥାପନ ଦାବି

ସୋନପୁର : ବୌଦ୍ଧ ଜିଲ୍ଲା ମନମୁଣ୍ଡା ଛକରେ ମହାତ୍ମା ଗାନ୍ଧୀଙ୍କ ଏକ ପୂର୍ଣ୍ଣାବୟବ ମୂର୍ତ୍ତି ପ୍ରତିଷ୍ଠା କରାଯିବାକୁ ଜନସାଧାରଣରେ ଦାବି ହେଉଛି । ୧୯୭୬ ମସିହାରେ ଖାଲଖମାଖୋଲ ପଡିଆ ଥିବା ବେଳେ ବ୍ୟକ୍ତିଗତ ଉଦ୍ୟମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କୁ ନେଇ ଗାନ୍ଧୀ ଚୌକ ନାମ କରଣ କରାଯାଇଥିଲା । ଏହାପରେ ଗାନ୍ଧୀବାଦୀ ସାମ୍ବାଦିକ ବିନୟ ରଞ୍ଜନ ପ୍ରଧାନ ମହାତ୍ମା ଗାନ୍ଧୀଙ୍କ ଏକ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରିବା ପାଇଁ ଉଦ୍ୟମ କରି ଆସୁଛନ୍ତି । ତେବେ ତାଙ୍କର ଉଦ୍ୟମ ଏ ପର୍ଯ୍ୟନ୍ତ ସଫଳ ହୋଇ ନାହିଁ ।

# ନନ୍ଦପଡା ଶୀତଳଷଷ୍ଠୀ ଯାତ୍ରା କମିଟି ଗଠିତ

ସମ୍ବଲପୁର: ବିଶ୍ୱ ପ୍ରସିଦ୍ଧ ସର୍ବପୁରାତନ ନନ୍ଦପଡା ଶୀତଳଷଷ୍ଠୀ ଯାତ୍ରା କମିଟି ପକ୍ଷରୁ ଏକ ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଚଳିତ ବର୍ଷର ଯାତ୍ରା ଆୟୋଜନ ନିମନ୍ତେ ନୂତନ କମିଟି ଗଠିତ ହୋଇଯାଇଛି । ସର୍ବସମ୍ମତି କ୍ରମେ ପ୍ରଶାନ୍ତ ବରାଇ ସଭାପତି, ଗୋଲକ ବିହାରୀ ମିଶ୍ର ମୁଖ୍ୟ ସଂଯୋଜକ, ଆଶିଷ ବାବୁ ସମ୍ପାଦକ ଓ ଜିତେନ୍ଦ୍ର ନନ୍ଦ ସହ ସମ୍ପାଦକ ଓ ଭବାନୀ ଶଙ୍କର ମିଶ୍ର କୋଷାଧକ୍ଷ ଭୁବନ ମୋହନ ମିଶ୍ର ସହ କୋଷାଧକ୍ଷ ରୂପେ ପ୍ରଶାନ୍ତ ଦାଶ ଏବଂ ଗଣମାଧମ ସଂଯୋଜକ ବିରାଜ କୁମାର ମିଶ୍ର ଓ ସୁସ୍ମିତ ମିଶ୍ରଙ୍କୁ ନିଯୁକ୍ତ କରାଯାଇଛି । ଉପଦେଷ୍ଟା ମଣ୍ଡଳୀରେ ଅମୂଲ୍ୟ ମିଶ୍ର, ପ୍ରଫୁଲ୍ଲ ହୋତା, ଫଣି ଭୂଷଣ ମିଶ୍ର, ମହେନ୍ଦ୍ର ମିଶ୍ର, ଚକ୍ରଧର ମିଶ୍ର, ବେଣଧର ଦାଶ ଓ ଶଶାଙ୍କ ଶେଖର ନନ୍ଦ ଙ୍କୁ ମନୋନୀତ କରାଯାଇଛି ।

# ସୋନପୁରର ବିଭିନ୍ନ ହୋଟେଲରେ ଚଢ଼ାଉ

ସୋନପୁର: ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱ ରଞ୍ଜନ ପତି ଓ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମନୋଜ ଅଦାବରଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ ସୋନପୁର ସହରର ଦୋକାନ ମାନଙ୍କରେ ଚଢ଼ାଉ କରି ଦୋକାନ ମାନଙ୍କରୁ ୧୯୭୦ ଟଙ୍କା ଜରିମାନା ଆଦାୟ କରିଥିଲେ । ଡ୍ରଗସ ଇନ୍ସପେକ୍ଟର ଉମାଶଙ୍କର ମେହେର ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ, ଏକ୍ସସାଇଜ ଇନ୍ସପେକ୍ଟର ଓ ସ୍ଥାନୀୟ ପୋଲିସ ଏହି ଟିମ ରେ ସାମିଲ ଥିଲେ ।

## QUOTATION CALL NOTICE

**OFFICE OF THE**
**BIJUPATTNAIK WOMEN'S DEGREE COLLEGE, SONEPUR**
**DIST.-SUBARNAPUR-767017**

Sealed Quotations are invited from authorised supplier/ dealers/ registered firms with DGS&D / EPM /GST for supply of different Laboratory equipments / Solvent Chemicals of different Departments of the college office on working days only. The quotation should reach the office of the undersigned **E-mail (bpwdc98@gmail.com)** on or before **06/05/2023 by 3.00 pm.**

The authority reserves the right to reject or cancel any or all quotations"without assigning any reasons thereof.

**Sd/- Principal, B.P.W.D.C, Sonepur**

## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

## Subscription Rate of **The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of **The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ୪୧ ଜଣ ବିଶିଷ୍ଟ ବ୍ୟକ୍ତି 'ହେମାନନ୍ଦ ବିଶ୍ୱାଳ ସ୍ମାରକୀ ସମ୍ମାନ'ରେ ସମ୍ମାନିତ










ବୁର୍ଲା: ପୁର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ 'ତ୍ୟାଗ' ଓ 'ଇନ୍ଦିରା କ୍ଲବ' ପକ୍ଷରୁ ବୁର୍ଲା ରକ୍ତ ଭଣ୍ଡାରରେ ଆୟୋଜିତ ରକ୍ତଦାନ ଶିବିରରେ ୧୧୯ ଜଣ ରକ୍ତଦାନ କରି ସ୍ୱର୍ଗତ ବିଶ୍ୱାଳଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ତ୍ୟାଗ ଓ ଇନ୍ଦିରା କ୍ଲବର ପ୍ରତିଷ୍ଠାତା ସଭାପତି ଦୁର୍ଗା ପାଢ଼ୀ ନିଜର ୧୦୫ ତମ ରକ୍ତଦାନ କରିଥିଲେ । ସ୍ୱର୍ଗତ ବିଶ୍ୱାଳଙ୍କ ଧର୍ମପତ୍ନୀ ଉର୍ମିଳା ବିଶ୍ୱାଳ ମୁଖ୍ୟ ଅତିଥି ଓ ତାଙ୍କର ତିନି କନ୍ୟା ସବିତା ପ୍ରଧାନ, ସୁନିତା ଓ ଅମିତା ବିଶ୍ୱାଳ ସ୍ୱତନ୍ତ୍ର ଅତିଥି ରୂପେ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ ଓ ସମ୍ମାନିତ କରିଥିଲେ ।

ଏହାପରେ ଦୁର୍ଗା ପାଢ଼ୀଙ୍କ ଅଧକ୍ଷତାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ସ୍ୱର୍ଗତ ବିଶ୍ୱାଳଙ୍କ ସ୍ମୃତି ଚାରଣ କରାଯାଇ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଏହି ଅବସରରେ ପୁର୍ବତନ କୁଳପତି ପ୍ରଫେସର ସାଧୁ ଚରଣ ପଣ୍ଡା ଓ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ବରିଷ୍ଟ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର, ବୁର୍ଲା ମେଡିକାଲ କଲେଜର ପୁର୍ବତନ ଅଧକ୍ଷ ଡାକ୍ତର ପ୍ରଫେସର ବ୍ରଜ ମୋହନ ମିଶ୍ର, ଡାକ୍ତର ପ୍ରଫେସର ପ୍ରଦୀପ କୁମାର ମହାନ୍ତି, ଡାକ୍ତର ସୁଶାନ୍ତ କର, ପ୍ରଫେସର୍ ସଂଜତ ସାହୁ, ଅବସର ପ୍ରାପ୍ତ ଶିକ୍ଷକ ହିମାଂଶୁ ଠାକୁର, ଗଗନ ବିହାରୀ ଗଡନାୟକ ଓ ଯତୀନ୍ଦ୍ର ମୋହନ ପଣ୍ଡା, ଡକ୍ଟର ସଞ୍ଜୟ ପଟ୍ଟନାୟକ, ଡକ୍ଟର ସରୋଜ ଦେବତା, ତ୍ୟାଗର ବରିଷ୍ଠ ପୃଷ୍ଠପୋଷକ ଇଂଜିନିୟର ଶିବ ପ୍ରସାଦ ପାଢ଼ୀ, ବରିଷ୍ଠ ଆଇନଜୀବୀ ପ୍ରମୋଦ ଦାଶ ଓ ସୁରେଶ୍ୱର ମିଶ୍ର , ବରିଷ୍ଠ ସମାଜସେବୀ ଚକ୍ରଧର ଚଇନି, ଗୁଡୁ ଉପଲ, ସନ୍ତୋଷ ରାଉତ, ସମାଜସେବୀ ମୁକୁନ୍ଦ ଦାଶ, ବରିଷ୍ଠ ରକ୍ତଦାତା ତପନ ସେଠୀ, ଲାଲୁ ବିଶ୍ୱାସ, ଦଶରଥ ଦାସ, ବିରଞ୍ଚି ମହାପାତ୍ର, ଗୋବର୍ଦ୍ଧନ ଗଉଡ, ସରୋଜ ତ୍ରିପାଠୀ, ଗିରିଜା ନାୟକ, ଉଦଘୋଷିକା ମିତା ପଟ୍ଟନାୟକ, ପୁର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, ରନଜୀ କ୍ରିକେଟ ଖେଳାଳି ବରିଷ୍ଠ ସମାଜସେବୀ ସିଣ୍ଡିକେଟ ସଭ୍ୟ ସବିର ହୁସେନ, ପୁର୍ବତନ ସିନେଟ୍ ସଭ୍ୟ ରକ୍ତଦାତା ଅରୁଣ କୁମାର, ହରଦୀପ ସିଂ, ପ୍ରକାଶ ଶତପଥୀ ଓ ନମିତ ଦାଶ , ପ୍ରଫେସର ବୁଲୁ ମହାରଣା, ଡକ୍ଟର ରଶ୍ମି ପରମାଣିକ ପ୍ରମୁଖଙ୍କୁ ଉତ୍ତରୀୟ ପ୍ରଦାନ କରି ମୁଖ୍ୟ ଅତିଥି ଶ୍ରୀମତୀ ବିଶ୍ୱାଳ ସମ୍ମାନିତ କରିଥିଲେ । ଏହି ସମ୍ବର୍ଦ୍ଧିତ ପ୍ରତିଭା ନିଜ ନିଜ ଅଭିଭାଷଣରେ ସ୍ୱର୍ଗତ ବିଶ୍ୱାଳଙ୍କ ସ୍ମୃତି ଚାରଣ କରିଥିଲେ । ଶେଷରେ ତ୍ୟାଗ ର ବରିଷ୍ଟ ଉପସଭାପତି ଡ଼କ୍ଟର ସନ୍ତୋଷ କାନୁନଗୋ ଧନ୍ୟବାଦ ଅର୍ପଣ କରିଥିଲେ ।

## ଏମ୍‌ସିଏଲ୍ ପକ୍ଷରୁ ବିଶ୍ୱ ସୁରକ୍ଷା ଓ ସ୍ୱାସ୍ଥ୍ୟ ଦିବସ



ବୁର୍ଲା: ମହାନଦୀ କୋଇଲା କମ୍ପାନୀ ପକ୍ଷରୁ ଜାଗୃତି ବିହାର ମୁଖ୍ୟାଳୟ ଠାରେ ବିଶ୍ୱ ସୁରକ୍ଷା ଓ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି । କମ୍ପାନୀ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓମ୍ ପ୍ରକାଶ ସିଂ ଯୋଗଦେଇ ସୁରକ୍ଷା ପତାକା ଉତ୍ତୋଳନ କରିଥିଲେ । କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ବିତ୍ତ ନିର୍ଦ୍ଦେଶକ ଏ.କେ. ବେହୁରା, ମୁଖ୍ୟ ଭିଜିଲାନ୍ସ ଅଧିକାରୀ ଭି.କେ. ପଟେଲଙ୍କ ସମେତ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । କର୍ମକ୍ଷେତ୍ରରେ ବାଧତାମୂଳକ ସୁରକ୍ଷା ନିୟମ ମାନିବାକୁ ସମସ୍ତେ ଶପଥ ପାଠ କରିଥିଲେ । କମ୍ପାନୀ ଅଧକ୍ଷ ସିଂ ଗତ ଆର୍ଥିକ ବର୍ଷରେ ରେକର୍ଡ କୋଇଲା ଉତ୍ପାଦନ ଓ ପ୍ରେରଣ ସକାଶେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ । ଏଥିସହ ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବାରେ ଡ୍ୟୁଟି ଲାଇନରେ ମୃତ୍ୟୁବରଣ କରିଥିବା ଶହୀଦମାନଙ୍କ ସ୍ମୃତିଚାରଣ କରାଯାଇଥିଲା ।

## ପବ୍ଲିକ୍ ଲାଇବ୍ରେରିରେ ଅପମିଶ୍ରଣ ସଂପର୍କିତ ଆଲୋଚନା

ସମ୍ବଲପୁର: ସମ୍ବଲପୁର ପବ୍ଲିକ ଲାଇବ୍ରେରିରେ 'ଖାଦ୍ୟରେ ଅପମିଶ୍ରଣ' ସଂପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଶ୍ରୀ ରୂପ ଗୋସ୍ୱାମୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଭିନ୍ନ ମାଧମରେ ଅପମିଶ୍ରଣ, ଏହାର ପଦ୍ଧତି ସଂପର୍କରେ ସଚେତନ କରାଇଥିଲେ । ବିଶେଷ କରି ଥଣ୍ଡା ପାନୀୟ, ପାଉଁରୁଟି, ଚକଲେଟ୍, ଆଇସ୍‌କ୍ରିମ୍ ଆଦିରେ ହେଉଥିବା ଅପମିଶ୍ରଣ ସଂପର୍କରେ ଆଲୋଚନା କରି ଏହା ସ୍ୱାସ୍ଥ୍ୟ ପକ୍ଷେ ଅତ୍ୟନ୍ତ କ୍ଷତିକାରକ ବୋଲି ସେ କହିଥିଲେ । ବିକଶିତ ଦେଶ ଗୁଡ଼ିକରେ ଏସବୁ ବାସନ୍ଦ କରା ଯିବା ସହ ଅପମିଶ୍ରଣ ବିରୋଧରେ କଠୋର ଆଇନ୍ ଥିବାବେଳେ ଆମ ଦେଶରେ ବହୁଳ ଭାବେ ଏହି ବ୍ୟବସାୟିକ ଅପରାଧ ଚାଲିଛି ବୋଲି ସେ କହିଥିଲେ । ଏହାର କୁପ୍ରଭାବ ଉପରେ ବିଶଦ ଆଲୋଚନା କରି ମଣିଷ ପାଇଁ ସାତ୍ତ୍ୱିକ ଖାଦ୍ୟ କଣ ହେବା ଉଚିତ ବର୍ଣ୍ଣନା କରିବାକୁ ଯାଇ ଗୀତାରୁ ଉଦ୍ଧୃତ ବାଣୀର ବ୍ୟାଖ୍ୟା କରିଥିଲେ । ସମ୍ପାଦକ ରଘୁନାଥ ମିଶ୍ର ସ୍ୱାଗତ ଭାଷଣ ଦେଇ ସାଧାରଣ ପାଠାଗାର ବିଷୟରେ ଅବଗତ କରାଇଥିଲେ । ଏହି ଅବସରରେ ଧନୁପାଲିର ବରିଷ୍ଠ ସରକାରୀ ଓକିଲ ଅଶୋକ ସେନାପତି ଏବଂ ତାଙ୍କ ଝିଅ ପାଠାଗାରକୁ ପ୍ରାୟ ୨୦୦ ଖଣ୍ଡ ଉପାଦେୟ ପୁସ୍ତକ ପ୍ରଦାନ କରିଥିଲେ । ସଭାରେ ପ୍ରଫେସର ଅଦିତ୍ୟ ପ୍ରସାଦ ପାଢ଼ୀ, ଶ୍ରୀ ଅରବିନ୍ଦ ମହାପାତ୍ର, ହେମନ୍ତ ମହାପାତ୍ର, ପ୍ରଫେସର ସୁରେନ୍ଦ୍ର ପଣ୍ଡା, ଉଦିତ ପାଢ଼



ଯୋଶୀ, ଗୌରୀଦାସ ପ୍ରଧାନ, ଗୋଲକ ବିହାରୀ ମିଶ୍ର, ଶଶୀଭୂଷଣ ତ୍ରିପାଠୀଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । ଶେଷରେ ଯୁଗ୍ମ ସମ୍ପାଦକ ରାଜେନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ ।

## ପାଟଣାଗଡ଼ରେ ଉପଖଣ୍ଡ ସ୍ତରୀୟ ଗଣ୍ଡାବଜା ମହୋତ୍ସବ





ବଲାଙ୍ଗୀର : କୁତମୁଣ୍ଡାର ମୁହୁରୀ କଳା ପରିଷଦ ତରଫରୁ ପାଟଣାଗଡ ଠାରେ ଉପଖଣ୍ଡ ସ୍ତରୀୟ ଗଣ୍ଡାବଜା ମହୋତ୍ସବ ପାଳିତ ହୋଇଯାଇଛି । ତେଜରାଜ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ଗଦାଧର ନିଆଲ ମୁଖ୍ୟ ଅତିଥି ଓ ଲକ୍ଷ୍ମୀକାନ୍ତ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ମନୋଜ ବାଗ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅର୍ଜୁନ ସାହୁ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ - ହିରାଧର କୁମ୍ଭାର ଗଣ୍ଡାବଜା ଉପରେ ନିଜର ମନ୍ତବ୍ୟ ପ୍ରଦାନ କରିଥିବା ବେଳେ ସମ୍ମାନିତ ଅତିଥି - ଡିଙ୍ଗର କୁମ୍ଭାର, ଜନସନ ନାଗ, ନେପାଳ ବାଗ(ବିଇଓ),ଗଁଡାବଜା ଗବେଷକ ରମେଶ ଗୁର୍ଲା, ଦୀଲିପ ଭୋଇ ପ୍ରମୁଖ ଯୋଗ ଦେଇ ଗଣ୍ଡା ବଜା ଉପରେ ନିଜ ନିଜ ମତ ଦେଇଥିଲେ । ମୁହୁରୀ କଳା ପରିଷଦର ସମ୍ପାଦକ - ଭେଲାରାମ କୁମ୍ଭାର (ହିମାଂଶୁ) ଗଁଡାବଜା ଉପରେ ବିଶେଷ ଭାବେ ଆଲୋଚନା କରିଥିଲେ । ଏହି ଅବସରରେ ତିନୋଟି ବ୍ଲକର ଶତାଧିକ ଗଁଡାବଜା କଳାକାର ନିଜର କଳା ପ୍ରଦର୍ଶନ କରିଥିଲେ । ଅନୁଷ୍ଠାନର ଉପସଭାପତି ମୁରଲୀ ଶିକା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ଆୟୋଜନରେ କ୍ଷୁଧାଂଶୁ ଶେଖର କୁମ୍ଭାର, ପ୍ରଶାନ୍ତ ସାହୁ, ପ୍ରହଲାଦ କୁମ୍ଭାର, ଜଗଦିଶ, ସୁନୀଲ, ସିକନ୍ଦର, ଜଗା, ସାଗର, ନିଳ, ସୁମନ୍ତ ଏବଂ ବିଶେଷ କରି ସ୍ୱେଚ୍ଛାସେବୀ ଅନୁଷ୍ଠାନ କୁତମୁଣ୍ଡାର କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ ।

## 'ସମ୍ବଲ'ର ନୂତନ ଗୃହ ଉଦ୍‌ଘାଟିତ

ସମ୍ବଲପୁର : ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସମ୍ବଲ'ର ନିଜସ୍ୱ କାର୍ଯ୍ୟାଳୟ ମୁଦିପଡ଼ା ସ୍ଥିତ ହାଉସିଂବୋର୍ଡ କଲୋନିରେ ଉଦ୍‌ଘାଟିତ ହୋଇଯାଇଛି । ଏ ଅବସରରେ ଅନୁଷ୍ଠାନର ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତି, କାର୍ଯ୍ୟକାରୀ ସଭାପତି ପଞ୍ଚାନନ ତ୍ରିପାଠୀ, ସମ୍ପାଦକ ସୁବ୍ରତ ପଣ୍ଡା, ଉପଦେଷ୍ଟା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ହେମନ୍ତ କୁମାର ମହାପାତ୍ର, ଉଦ୍ଧବ ମହାପାତ୍ର, ସୁଶାନ୍ତ କୁମାର ଗୁରୁ, ଜଗବନ୍ଧୁ ବେହେରା ପ୍ରମୁଖଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ ।



## ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳଙ୍କ ସ୍ମୃତିରେ ରକ୍ତଦାନ

ବୁର୍ଲା: ପୁର୍ବତନ ମୁଖ୍ୟମନ୍ତ୍ରୀ 'ତ୍ୟାଗ'ର ମୁଖ୍ୟ ପୃଷ୍ଠ ପୋଷାକ ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଅନୁଷ୍ଠାନ ପକ୍ଷରୁ ବୁର୍ଲା ପାୱାର ହାଉସରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୬୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଶିବିରକୁ ବୁର୍ଲା ହୀରାକୁଦ ଜଳ ବିଦ୍ୟୁତ୍ ପ୍ରକଳ୍ପର ସାଧାରଣ ପରିଚାଳକ ବରିଷ୍ଠ ଇଂଜିନିୟର ଗଣେଶ ରାମ ପଣ୍ଡା ଉଦଘାଟନ କରିଥିଲେ । ୟୁନିଟ୍ ମୁଖ୍ୟ ବରିଷ୍ଠ ଇଂଜିନିୟର ଦେବାଶିଷ ମିଶ୍ର ମୁଖ୍ୟଅତିଥି ରୂପେ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସହିତ କରିବା ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଇଂଜିନିୟର ଚନ୍ଦ୍ରମଣି ସେଠୀ, ଶ୍ରୀ ସ୍ୱଦେଶ କୁମାର ବଳ, ସବୁ ଇଂଜିନିୟର ଓ କର୍ମଚାରୀ ମାନେ ଉପସ୍ଥିତ ରହି ରକ୍ତଦାତଙ୍କୁ ପ୍ରେରିତ କରିଥିଲେ । ତ୍ୟାଗ ଓ ଇନ୍ଦିରା କ୍ଲବର ବରିଷ୍ଠ ସଭ୍ୟ ଗୋବର୍ଦ୍ଧନ ଗଉଡ, ବିରଞ୍ଚି ମହାପାତ୍ର, ଲାଲୁ ବିଶ୍ୱାସ, ଦଶରଥ ଦାସ, ଡାକ୍ତର ସନ୍ତୋଷ ପ୍ରମୁଖ ଯୋଗ ଦେଇଥିଲେ ।



Printed, Published and Owned by Hemanta Kumar Mahapatra, Printed at Impressions Press,Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra